**ବିଜେଡିର ଜୋନସ୍ତରୀୟ ସାଂଗଠନିକ ବୈଠକ ଓ ମିଶ୍ରଣ ପର୍ବ**

# ବିଜେପି ଓ କଂଗ୍ରେସର ୨୦୦ରୁ ଊର୍ଦ୍ଧ୍ୱ କର୍ମୀ ସାମିଲ



**କଣିହାଁ/ରେଙ୍ଗାଳି /ପବିତ୍ରନଗର, ୧୩। ୪ (ସମିସ):** କଣିହାଁ ବ୍ଲକ ଅନ୍ତର୍ଗତ ସୁଲେଇପାଳ ଆମ୍ବତୋଟା ଠାରେ ୧୦ନଂ ଜୋନସ୍ତରୀୟ ସାଙ୍ଗଠନିକ ବୈଠକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବିଜେଡିର ଢେଙ୍କାନାଳ ଲୋକସଭା ପ୍ରାର୍ଥୀ ଡ଼.ଅବିନାଶ ସାମଲ, ପାଳଲହଡ଼ା ବିଧାୟକ ପ୍ରାର୍ଥୀ ମୁକେଶ କୁମାର ପାଳ, ଅନୁଗୋଳ ଜିଲ୍ଲା ସହ ପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କଣିହାଁ ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟା ରଶ୍ମିତା ବେହେରା, କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ହିମାଚଳ ପଣ୍ଡା, ପାଳଲହଡ଼ା ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସୁବାସ ମହାନ୍ତି, କଣିହାଁ ବ୍ଲକ ବିଜେଡି ଉପସଭାପତି ଦଣ୍ଡଧର ବିଶ୍ୱାଳ, କଣିହାଁ ବ୍ଲକ ଯୁବ ସଭାପତି ଗଗନ ରାଉତ, ଜିଲ୍ଲା ସମ୍ପାଦକ ଝସକେତନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ପାଳଲହଡ଼ା ନିର୍ବାଚନ ମଣ୍ଡଳୀରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଏବଂ ନବୀନ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ପାଥେଇ କରି ଚଳିତ ସାଧାରଣ ନିର୍ବାଚନ ବିଜୁ ଜନତା ଦଳ ଲଢ଼ିବ ଏବଂ ସାଂସଦ ପ୍ରାର୍ଥୀ ଓ ବିଧାୟକ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟକ ଭୋଟ ବ୍ୟବଧାନରେ ଜିତାଇବା ପାଇଁ ବୈଠକରେ ସଂକଳ୍ପ ନେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପାଳଲହଡ଼ା ବିଧାୟକଙ୍କ କାର୍ଯ୍ୟଶୈଳ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପି ଓ କଂଗ୍ରେସର ୨୦୦ରୁ ଅଧିକ କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। କଣିହାଁ ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ନବକିଶୋର ଗଡ଼ନାୟକ, କର୍ଣ୍ଣପାଳ ପଞ୍ଚାୟତର ସୁଶାନ୍ତ ବେହେରା, ବୋରଦାକାନ୍ତ ଶତପଥି, ହରମୋହନ ସାହୁ, ଛବି ସାହୁଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମୀ ଯୋଗ ଦେଇଥିଲେ। ସେହିଭଳି ସୁସୁବା, ଗଣ୍ଡମାଳା, ବିରୁ କୁଲେଇ ବୁରୁକୁନା ପଞ୍ଚାୟତର ବିଜେପି ଓ କଂଗ୍ରେସ କର୍ମୀଙ୍କ ମିଶ୍ରଣ ହୋଇଥିଲା। ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି କିଭଳି ଭାବେ ସଂଗଠିତ ହୋଇ ନିର୍ବାଚନରେ ଅଧିକରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହେବ, ତାହାକୁ ନେଇ ଉପସ୍ଥିତ ବରିଷ୍ଠ କାର୍ଯ୍ୟକର୍ତ୍ତା କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସଭାପତି କୃପାସିନ୍ଧୁ ସାହୁ, ରାମଚନ୍ଦ୍ର ସାହୁ, ଗୋକୁଳ ପ୍ରଧାନ, ପର୍ଶୁରାମ ବିଶ୍ୱାଳ, ଅବନୀକାନ୍ତ ଦେହୁରୀ, ବିଷ୍ଣୁଚରଣ ସାହୁ, ସୌଭାଗ୍ୟ ପ୍ରଧାନ, ସତ୍ୟାନନ୍ଦ ଗଡ଼ନାୟକ, ଜିଲ୍ଲା ଯୁବ ସମ୍ପାଦକ ପ୍ରଦୀପ ସାମଲ, ଧର୍ମେନ୍ଦ୍ର ସାମଲ, ବୁରୁକୁନା ସମିତି ସଭ୍ୟ ଯୁଗଳ କିଶୋର ପ୍ରମୁଖ ଯୋଗ ଦେଇଥିଲେ।

# ମା' ହିଙ୍ଗୁଳାଙ୍କୁ ଦର୍ଶନ କଲେ ସାଂସଦ ଓ ବିଧାୟକ ପ୍ରାର୍ଥୀ



**ସଦର, ୧୩।୪(ସମିସ):** ଆଜି ତାଳଚେର ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ଢେଙ୍କାନାଳ ଲୋକସଭା ପ୍ରାର୍ଥୀ ଡା. ଅବିନାଶ ସାମଲ ଓ ତାଳଚେର ବିଧାୟକ ପ୍ରାର୍ଥୀ ବ୍ରଜକିଶୋର ପ୍ରଧାନ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ତାଳଚେର ନିର୍ବାଚନ ମଣ୍ଡଳୀର ତାଳଚେର ବ୍ଲକ ଅଧ୍ୟକ୍ଷା ହେମଲତା ମହାନ୍ତି, ତାଳଚେର ନଗରପାଳ ପବିତ୍ର ଭୁଟିଆ, ସମସ୍ତ ଜୋନର ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା, ବିଜେଡିର ସମସ୍ତ କାଉନସିଲର ଓ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟସଭ୍ୟା, ଗ୍ରାମ ପଞ୍ଚାୟତ ଓ ୱାର୍ଡ ସଭାପତି, ସମ୍ପାଦକ, ବିଜୁ ବରିଷ୍ଠ, ଯୁବ ଛାତ୍ର ଓ ମହିଳା ଜନତା ଦଳର ସମସ୍ତ ପଦାଧିକାରୀ, କର୍ମକର୍ତ୍ତା ପ୍ରମୁଖଙ୍କ ସମେତ ବିଜେଡିର ଶହ ଶହ ସମର୍ଥକ ଓ ଶୁଭେଚ୍ଛୁ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏଥି ପୂର୍ବରୁ ତାଳଚେର ବିଧାୟକ ଶ୍ରୀ ପ୍ରଧାନ ପୁରୀ ଜଗନ୍ନାଥ ଓ ଘଟଗାଁ ମା' ତାରିଣୀ ପୀଠକୁ ଯାଇ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ।

# ଉତ୍କଳ ଗୋପାଳ ସମାଜ ତରଫରୁ ଦହି ସରବତ ଓ ତରଭୁଜ କେନ୍ଦ୍ର



**ଅନୁଗୋଳ, ୧୩। ୪ (ସମିସ):** ଉତ୍କଳ ଗୋପାଳ ସମାଜ ଅନୁଗୋଳ ଜିଲ୍ଲା ତରଫରୁ ଜିଲ୍ଲାର ମୁଖ୍ୟ ସଂଗଠକ ଦୟାନିଧି ବେହେରାଙ୍କ ତତ୍ତ୍ୱାବଧାନରେ କାଙ୍ଗୁଲକ୍ଷ ବେନ୍ତପୁର ଗ୍ରାମପଞ୍ଚାୟତ ଅଧୀନରେ ଥିବା କକ୍ଷଙ୍ଗୁଲା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ଦକ୍ଷିଣକାଳୀଙ୍କ ପୀଠରେ ଏକ ଦହି ସରବତ ଓ ତରଭୁଜ କେନ୍ଦ୍ର ଖୋଲାଯାଇଛି। ଏହି ମହତ୍ତ୍ୱପୂର୍ଣ୍ଣ ସେବାକାର୍ଯ୍ୟରେ ଗ୍ରାମର ଗୋପାଳ ଭାଇମାନେ ବିକାଶ ଦାସ, ବ୍ରହ୍ମାନନ୍ଦ ପରିଡ଼ା, ମାନସ ଦାସ, ଶ୍ୟାମସୁନ୍ଦର ବେହେରା, ଚନ୍ଦନ ବେହେରା, ହେମନ୍ତ ବେହେରା, ପରମା ପରିଡ଼ା, ମନୋଜ ଦାସ, ନିର୍ମଳ ବେହେରା, ବିନୋଦ ବେହେରା, ଆମ୍ବିକାପ୍ରସାଦ ବେହେରା, ରାଜୁ ବେହେରା, ଗୁଣ୍ଡିଚା ବେହେରା, ଶକ୍ତି ବେହେରା, ପ୍ରକାଶ ଦାସ, ପ୍ରାଣବନ୍ଧୁ ପରିଡ଼ା ସହଯୋଗ ପ୍ରଦାନ କରିଥିଲେ।

# ଅନୁଗୋଳ ଜିଲ୍ଲା କଂଗ୍ରେସର ନୂତନ କମିଟି ଗଠିତ

**ଅନୁଗୋଳ, ୧୩।୪ (ସମିସ):** ଅନୁଗୋଳ ଜିଲ୍ଲା କଂଗ୍ରେସ ସଭାପତି ଅମ୍ବିକା ପ୍ରସାଦ ଭଞ୍ଜ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଜିଲ୍ଲା କଂଗ୍ରେସ କମିଟି ପୁନର୍ଗଠନ କରିଛନ୍ତି। ଘୋଷିତ ନୂତନ କମିଟିରେ ଉପସଭାପତି ଭାବରେ ବିମ୍ବାଧର ସାମଲ, ଉମେଶ ଚନ୍ଦ୍ର ସାହୁ, ଦୁଷ୍ମନ୍ତ ଦଳବେହେରା, ବିନୋଦ ମାଝି, ସନତ କୁମାର ପ୍ରଧାନ, ଭଜନ ଦାସ, ଗୋବିନ୍ଦ ନାଏକ, କୁମୁଦବନ୍ଧୁ ଧର, ଚିତ୍ତରଞ୍ଜନ ନାଏକ, ଅଳକା ମହାନ୍ତି, କ୍ଷୀରୋଦା ନାଏକ, ପରେଶ ଚନ୍ଦ୍ର ଜେନା, ଚିତ୍ତରଞ୍ଜନ ପ୍ରଧାନ, ଉତ୍ସବ ସାମଲ, ସହଦେବ ବେହେରା, ପଦ୍ମଲୋଚନ ମାଝି, ହରିଶ ଦେହୁରୀ, ସୁଦୀପ ମିଶ୍ର, ଜିତେନ୍ଦ୍ର କୁମାର ପ୍ରଧାନ, ରଞ୍ଜିତ ଗଡ଼ନାୟକ, ହିମାଂଶୁ ଧଳ, କୋଷାଧ୍ୟକ୍ଷ ଭାବେ ରାମଚନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ପଦରେ ଗୋପିନାଥ ସାହୁ, ତ୍ରିଲୋଚନ ସାହୁ, ଶୁଭେନ୍ଦୁ ବେଉରା, ବିପିନ ପାତ୍ର, ଦିବ୍ୟଲୋଚନ ସାହୁ, ପଦ୍ମିନୀ ନାଏକ, ସୁଦୀପ୍ତ ପ୍ରଧାନ, ଅଜିତ ପ୍ରଧାନ, ବଶିଷ୍ଠ ଦେହୁରୀ, ସୁକାନ୍ତୀ ନାଏକ, ପରେନ ପଟ୍ଟନାୟକ, ସୁକାନ୍ତ କୁମାର ପ୍ରଧାନ, ସୁଶାନ୍ତ କୁମାର ସାହୁ, ଅଜୟ କୁମାର ପ୍ରଧାନ, ଲୋକନାଥ ସାହୁ, ସର୍ବିକୃଷ୍ଣ ରାଉତ, ପ୍ରବଣ କୁମାର ସେଠୀ, ଆଦିକନ୍ଦ ସାମଲ, ସଞ୍ଜୟ କୁମାର ବିଶୋଇ, ହେମନ୍ତ ଦେହୁରୀ, ଉଦୟନାଥ ପ୍ରଧାନ, କୃତାର୍ଥ ଦେହୁରୀ ଓ ସେହିପରି ସମ୍ପାଦକ ଭାବେ ପ୍ରଦୀପ ମହାରଣା, ବଜରଙ୍ଗ ଅଗ୍ରୱାଲ, ହେମନ୍ତ ମହାଲିକ, ସଂଗ୍ରାମ ବେହେରା, ଶିଶିର କୁମାର ପାଳ, ନାରାୟଣ ଦେହୁରୀ, ଜୟନ୍ତ ପ୍ରଧାନ, ରଞ୍ଜନ ଦେହୁରୀ, କମ୍ପୁ ଦେହୁରୀ, ମନୋଜ କୁମାର ପ୍ରଧାନ ମିହିର କୁମାର ପାଳ, ଦେବବ୍ରତ ପ୍ରଧାନ, ନିର୍ମଳ କୁମାର ସାହୁ, ଡମ୍ବରୁ ଅମାନ୍ତ, ମହେଶ୍ୱର ପ୍ରଧାନ, ରବିନାରାୟଣ ପଟ୍ଟନାୟକ, ଦୀପକ ରଞ୍ଜନ ପ୍ରଧାନ, ଆଲୋକ କୁମାର ଦେହୁରୀ, ଚୌଧୁରୀ ନାଏକ, ପୂର୍ଣ୍ଣ ନାଏକ, ଦୁର୍ଯ୍ୟୋଧନ ପ୍ରଧାନଙ୍କୁ ନିଯୁକ୍ତି ଦିଆଯାଇଛି। ଏତଦବ୍ୟତୀତ ୩୪ ଜଣ କଂଗ୍ରେସ ନେତାଙ୍କୁ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ କରାଯାଇଛି। ନୂତନ କମିଟିକୁ ନେଇ ଜିଲ୍ଲା କଂଗ୍ରେସ ଅତିଶୀଘ୍ର ଏକ କାର୍ଯ୍ୟକାରିଣୀ ବୈଠକରେ ସମସ୍ତ ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ଦାୟିତ୍ୱ ପ୍ରଦାନ କରିବା ସହ ଜିଲ୍ଲା କଂଗ୍ରେସକୁ କ୍ରିୟାଶୀଳ କରାଯିବ। ଏ ନେଇ ଜିଲ୍ଲା କଂଗ୍ରେସର ମୁଖ୍ୟ ମୁଖପାତ୍ର ଗୋପାଳ ଚନ୍ଦ୍ର ନାଥ ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

# ବିଦ୍ୟୁତ୍ ତାର ଦ୍ୱାରା ମାଛମରା ଅଭିଯୋଗ

**ବଇଣ୍ଡା, ୧୩। ୪ (ସମିସ):** ଅନୁଗୋଳ ଜିଲ୍ଲା ଠାକୁରଗଡ଼ ଥାନା ଅରଖକୁଦ ଗ୍ରାମର ବଙ୍କାଘାଇ ବନ୍ଧରୁ ବିଦ୍ୟୁତ ତାର ଦ୍ୱାରା ସେହି ଗ୍ରାମର ନରୋତ୍ତମ ଭୋଇ, ପବିତ୍ର ଦେହୁରୀ, ପଞ୍ଚୁ ପ୍ରଧାନ ମିଶି ବେଆଇନ ଭାବରେ ମାଛ ମାରୁଥିବା ଠାକୁରଗଡ଼ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୁଲିସ ନମ୍ବର ୮୮/୨୪ ରେ ଏକ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ, ଉକ୍ତ ବନ୍ଧରେ ଗ୍ରାମ୍ୟ କମିଟି ପକ୍ଷରୁ ମାଛ ଛଡା ଯାଇଥିବା ବେଳେ ଉକ୍ତ ୩ ଜଣ ବନ୍ଧରେ ବିଦ୍ୟୁତ କରେଣ୍ଟ ସାହାଯ୍ୟରେ ମାଛ ମାରୁଛନ୍ତି। ଏହା ସାଧାରଣ ଲୋକଙ୍କ ପାଇଁ ବିପଦ ହେଉଥିବା ବେଳେ ବେଆଇନ ଭାବରେ ମାଛମାରି ସେମାନେ ବିକ୍ରି କରୁଥିବା ଅଭିଯୋଗ ହୋଇଛି।

# ୩ ବାଇକ୍ ଜାଳିଦେଲେ ଦୁର୍ବୃତ୍ତ



**ଅନୁଗୋଳ, ୧୩। ୪ (ସମିସ) :** ସ୍ଥାନୀୟ ନାଲକୋ ଥାନା ଅନ୍ତର୍ଗତ କନ୍ୟା ବେଢ଼ା ତପସ୍ୱିନୀ କଲୋନୀରେ ଅଜଣା ଯୁବକଙ୍କ ଉନ୍ମତ୍ତ କାଣ୍ଡ ଦେଖିବାକୁ ମିଳିଛି। ସକାଳୁ ସକାଳୁ ଏକାଧିକ ବାଇକରେ ନିଆଁ ଲଗାଇ ଜଣେ ଯୁବକ ଫେରାର ହୋଇଯାଇଛି। ଫଳରେ ୩ ଟି ବାଇକ୍ ଜଳିଯାଇଛି। ସୂଚନା ମୁତାବକ, ତପସ୍ୱିନୀ କଲୋନୀରେ ଏକ ଘରେ ୪ଟି ପରିବାର ଭଡ଼ାରେ ରୁହନ୍ତି। ଆଜି ସକାଳ ୫.୧୦ ମିନିଟ ସମୟରେ ହଠାତ ଘରେ ଥିବା ମୋଟର ସାଇକଲରେ ନିଆଁ ଲାଗିଯାଇଥିଲା। ଘର ଲୋକ ସଙ୍ଗେ ସଙ୍ଗେ ପାଟିକରିବା ସହ ପଡ଼ୋଶୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ସେଠାରେ ୫ଟି ଗାଡ଼ିଥିବା ବେଳେ ସେଥିମଧ୍ୟରୁ ସୁଧୀର କୁମାର ବେହେରାଙ୍କ ହୋଣ୍ଡା ମୋଟର ସାଇକଲ (ଓଡି ୩୫ଜି ୪୯୯୧), ରଘୁନାଥ ଅଗ୍ରୱାଲଙ୍କ ସ୍କୁଟି (ଓଡି ୧୯ଏନ ୯୧୯୩) ଅଧାରୁ ଅଧିକ ପୋଡିଯାଇଥିବା ବେଳେ ମଧୁସ୍ମିତା ନାୟକଙ୍କ ସ୍କୁଟି (ଓଡି ୧୯କ୍ୟୁ ୨୩୦୦) ସମ୍ପୂର୍ଣ୍ଣ ପୋଡ଼ିଯାଇଛି। ଅନ୍ୟପଟେ ଦୀପକ ନାୟକଙ୍କ ଦୁଇଟି ଗାଡ଼ି ଉଦ୍ଧାର କରାଯାଇଛି। ତେବେ କିଏ ଓ କାହିଁକି ଗାଡ଼ିରେ ନିଆଁ ଲଗାଇଲା ତାହା ଜଣାପଡିନାହିଁ।

## ବାଇକ୍ ଜବତ, ଜଣେ ଗିରଫ

**ବଇଣ୍ଡା, ୧୩। ୪ (ସମିସ):** ହଣ୍ଡପା ପୁଲିସ ହଣ୍ଡପା ଅଞ୍ଚଳରୁ ମଦ୍ୟପାନ କରି ବେପାରୁଆ ଗାଡ଼ି ଚଳାଉଥିବା ଅଭିଯୋଗରେ ରେଢ଼ାଖୋଲ ଥାନା ବୁରୁଦା ଗ୍ରାମର ସତ୍ୟଜିତ ବେହେରାଙ୍କୁ ଗିରଫ କରିଛି। ଏଥିସହ ତାଙ୍କ ବାଇକକୁ ଜବତ କରାଯାଇଛି। ଏ ନେଇ ନମ୍ବର ୧୪୯/୨୪ ରେ ଏକ ମାମଲା ରୁଜୁ କରାଯାଇଛି। ସେ ମଦ୍ୟପାନ କରି ବାଇକ୍ ଚଳାଉଥିବା ବେଳେ ପୁଲିସ ଯାଞ୍ଚକରି ତାଙ୍କୁ ଗିରଫ କରିଥିଲା।

## ମଦ ଜବତ, ୨ ଗିରଫ

**ବଇଣ୍ଡା, ୧୩। ୪ (ସମିସ):** ଠାକୁରଗଡ଼ ପୁଲିସ ତାଳମଳିହା ଗ୍ରାମରେ ଶୁକ୍ରବାର ଚଢ଼ଉ କରି ଅରକ୍ଷିତ ପ୍ରଧାନଙ୍କ ଘରୁ ୯ ଲିଟର ଚୋରା ଦେଶୀ ମହୁଲି ମଦ ଜବତ କରି ତାଙ୍କୁ ଗିରଫ କରିଛି। ସେ ବେଆଇନ ଭାବରେ ଘରେ ମଦ ବିକ୍ରି କରୁଥିବା ଖବର ପାଇଁ ପୁଲିସ ଚଢ଼ଉ କରିଥିଲା। ସେହିପରି ଗୁଣ୍ଡୁରୀମୁଣ୍ଡା ଗ୍ରାମରେ ଚଢ଼ଉ କରି ଦୁର୍ଯ୍ୟୋଧନ ବେହେରାଙ୍କ ଘରୁ ୫୦ ଟି ପାଉଚ ମଦ ଜବତ କରାଯାଇଛି। ଏଥିସହ ସେମାନଙ୍କୁ ଗିରଫ କରାଯାଇଛି।

# ସୁସୁଡ଼ାରେ ମେରୁଯାତ୍ରା





**ଅନୁଗୋଳ, ୧୩। ୪ (ସମିସ):** ଚୈତ୍ର ମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ସୁସୁଡ଼ା ସୋମନାଥପୁର ଠାରେ ମେରୁଯାତ୍ରା ଅନୁଷ୍ଠିତ ହୋଇଥାଏ। ଦଣ୍ଡଯାତ୍ରାର ଅନ୍ତିମ ଦିବସରେ ମେରୁଯାତ୍ରା ଅନୁଷ୍ଠିତ ହୋଇଥାଏ। ଅପରାହ୍ନ ସମୟରେ ଧୂଳି ଦଣ୍ଡ ଓ ବାଲୁଙ୍କା ପୂଜା ଅନୁଷ୍ଠିତ ହୋଇଥାଏ। ପରେ ପରେ ମା'ଙ୍କର ସୁନାବେଶ ଅନୁଷ୍ଠିତ ହୋଇଥାଏ। ସନ୍ଧ୍ୟାରେ ମା' ଙ୍କର ମାଜଣା କରାଯାଇ ମା' ଙ୍କୁ ଆବାହନ କରାଯାଇଥାଏ। କାଳିସୀ ରୂପରେ ମନସ୍କାମନା ପୂରଣ କରିଥାନ୍ତି ବୋଲି ଲୋକମତ ରହିଆସିଛି। ୩୩ କୋଟି ଦେବାଦେବୀଙ୍କ ଉଦ୍ଦେଶ୍ୟରେ ହୋମକର୍ମ ଅନୁଷ୍ଠିତ ହୋଇଥାଏ। ରାତ୍ରରେ ଦଣ୍ଡନୃତ୍ୟ ସମାପନ ପରେ ଏହି ଯାତ୍ର ଶେଷ ହୋଇଥାଏ।

# ବୌଦ୍ଧକୁ ହରାଇଲା ଅନୁଗୋଳ

**ଅନୁଗୋଳ ୧୩।୪(ସମିସ):** ଆଜି କଳାହାଣ୍ଡି କପ୍ କ୍ରିକେଟର ଏକ ମ୍ୟାଚରେ

**କଳାହାଣ୍ଡି କପ୍ କ୍ରିକେଟ**

ଅନୁଗୋଳ ପ୍ରତିପକ୍ଷ ଦଳ ବୌଦ୍ଧ ଏକାଦଶକୁ ଏକତରଫା ଭାବେ ପରାସ୍ତ କରିଛି। ଅନୁଗୋଳ ପ୍ରଥମେ ବ୍ୟାଟିଂକରି ୪୪ ଓଭରରେ ସମସ୍ତ ୱିକେଟ ହରାଇ ୧୮୨ ରନ କରିଥିଲା। ଏହାର ଜବାବରେ ବୌଦ୍ଧ ଏକାଦଶ ୨୬ ଓଭରରେ ୯୬ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଟୁକୁନା ସାହୁ ଅନୁଗୋଳ ପକ୍ଷରୁ ୬୮ ରନ ସହ ୪ ଟି ୱିକେଟ ନେଇଥିବାରୁ ତାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ପ୍ରକାଶଥାଉ କି, ଏହି ପ୍ରତିଯୋଗିତାରେ ଅନୁଗୋଳର ଏହା କ୍ରମାଗତ ତୃତୀୟ ବିଜୟ।

**■ ମା' ତାରିଣୀଙ୍କ ମହୋତ୍ସବ ପାଳିତ**

# ମନମୋହିଲା ଦଣ୍ଡନୃତ୍ୟ ପ୍ରତିଯୋଗିତା

**କଣିହାଁ/ଡେରଙ୍ଗ ୧୩।୪ (ସମିସ):** କଣିହା ବ୍ଲକ ଡେରଙ୍ଗ ପଞ୍ଚାୟତ ଘଣ୍ଟିଆନାଳୀ ଗ୍ରାମରେ ମା' ତାରିଣୀଙ୍କ ମହୋତ୍ସବ ଧୁମଧାମରେ ପାଳିତ ହୋଇଯାଇଛି । ରାତ୍ରିରେ ତାରିଣୀ ମହୋତ୍ସବ କମିଟି ପକ୍ଷରୁ ଦର୍ଶକଙ୍କ ମନୋରଞ୍ଜନ ନିମନ୍ତେ ଦଣ୍ଡନୃତ୍ୟ ପ୍ରତିଯୋଗିତା ହୋଇଥିଲା। ବାଦ ଦଣ୍ଡନୃତ୍ୟ ପରିବେଷଣକୁ ନେଇ ଲୋକେଇପଶି ସହିତ କାକୁଡ଼ିଆ ଦଣ୍ଡନୃତ୍ୟ ଦଳର ପ୍ରତିଯୋଗିତା ହୋଇଥିଲା । ଉଭୟ ଦଳର ଅଭିନୟ ଦର୍ଶକଙ୍କୁ ବିମୋହିତ କରିଥିଲା। ପରିଚାଳନା କମିଟି ସଭାପତି ବିଭୁତି ନାଏକ, ସମ୍ପାଦକ ତ୍ରିପୁର ନାଏକ, ସଦସ୍ୟ ବସନ୍ତ ନାଏକ, ନକୁଳ ନାଏକ ପ୍ରମୁଖ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ । ସେହିପରି ଏନଟିପିସି ଟାଉନ ଥାନା ଅନ୍ତର୍ଗତ ଲୋଧାବନ୍ଧ ଗ୍ରାମ ତାରିଣୀ ମନ୍ଦିର ଓ ହନୁମାନପୁର ପଞ୍ଚାୟତ ପଥରପୁଞ୍ଜି ଛକ ନିକଟ ମା' ତାରିଣୀ ମନ୍ଦିରରେ ଚୈତ୍ରପର୍ବ ପାଳନକୁ ନେଇ ଶନିବାର କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ।

# କର୍ମୀ ଅମଙ୍ଗ; ପ୍ରଚାରରେ ବାଧକ ଗ୍ରୀଷ୍ମପ୍ରବାହ



**ତାଳଚେର, ୧୩।୪(ସମିସ):** ତାଳଚେରରେ ଦୁଇ ପ୍ରମୁଖ ରାଜନୈତିକ ଦଳ ପକ୍ଷରୁ ପ୍ରାର୍ଥୀ ତାଲିକା ଘୋଷଣା ହୋଇଥିବା ବେଳେ ନେତାମାନେ କିନ୍ତୁ ଦଳ ବଳ ସହିତ ପ୍ରଚାର ମଇଦାନକୁ ଓହ୍ଲାଇ ପାରୁନାହାନ୍ତି। ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଏବେ ପ୍ରଚାରରେ ବାଧକ ସାଜିଛି। ଏହା ଆହୁରି କିଛିଦିନ ଧରି ଚାଲିବ ବୋଲି ପାଣିପାଗ ବିଜ୍ଞାନୀମାନେ ପୂର୍ବାନୁମାନ କରିଛନ୍ତି। ଆଜି ତାପମାତ୍ରା ୪୦ ଡିଗ୍ରୀ ଥିବାବେଳେ ଦିନ ୯ଟା ପରଠାରୁ ପ୍ରବଳ ଖରା ଓ ଗୁଳୁଗୁଳି ଆରମ୍ଭ ହୋଇଛି। ଖରାରେ ପଦାକୁ ନ ବାହାରିବା ପାଇଁ ସରକାରଙ୍କ ପକ୍ଷରୁ ସତର୍କ କରାଯିବା ସହିତ ବିଦ୍ୟାଳୟଗୁଡିକୁ ମଧ୍ୟ ସକାଳୁଆ କରାଯାଉଛି। ତେବେ ନିର୍ବାଚନ ପ୍ରଚାର ପାଇଁ ସଜବାଜ ହେଉଥିବା ପ୍ରାର୍ଥୀ ଓ ସେମାନଙ୍କ କର୍ମୀଙ୍କ ପାଇଁ ଏହି ପ୍ରଚଣ୍ଡ ଖରା କାଳ ସାଜିଛି। ମୁଣ୍ଡଫଟା ଖରାରେ ରାଲି ବାହାର କରିବା ତ ଦୂରରକଥା, କର୍ମୀଙ୍କୁ ଘରୁ ଡାକିବାକୁ ବି ନେତାଏ ସାହସ ଜୁଟାଇ ପାରୁନାହାନ୍ତି। କାରଣ ନିର୍ବାଚନ ଆରମ୍ଭରୁ ସେମାନଙ୍କୁ ଅଂଶୁଘାତର ଭୟ ଘାରିଲାଣି। କର୍ମୀମାନେ ମଧ୍ୟ ଖରାରେ ପ୍ରଚାର କରିବା ଅପେକ୍ଷା ସଂଧ୍ୟା କିମ୍ବା ରାତ୍ରୀ ସମୟରେ ପଚାର ପାଇଁ ଯିବାକୁ ରାଜି ହେଉଛନ୍ତି। ଉଲ୍ଲେଖନୀୟ ଯେ, ମଇ ୨୫ ତାରିଖରେ ତାଳଚେର ନିର୍ବାଚନ ମଣ୍ଡଳୀ ପାଇଁ ଭୋଟ ହେବ।



● ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ଅଭିଯୋଗ

# କ୍ରୀଡ଼ା ଉପକରଣ ବାଣ୍ଟି ଭୋଟରଙ୍କୁ ପ୍ରଲୋଭିତ କରୁଛନ୍ତି ବିଜେପି ପ୍ରାର୍ଥୀ!





**ବ୍ରହ୍ମପୁର,୧୩।୪(ସମିସ):** ଚଳିତ ସାଧାରଣ ନିର୍ବାଚନ ପାଇଁ ଆରମ୍ଭ ହୋଇଗଲାଣି ପ୍ରାର୍ଥୀଙ୍କ ପ୍ରଚାର। ଯାହାକୁ ନେଇ ସହରରେ ରାଜନୈତିକ ମାହୋଲ ସରଗରମ। ବିଭିନ୍ନ ଦଳର ପ୍ରାର୍ଥୀମାନେ ନିଜ ସପକ୍ଷରେ ସମର୍ଥନ ଜୁଟାଇବାରେ ବ୍ୟସ୍ତ। ତେବେ ବିଜେପିର ଉଭୟ ବ୍ରହ୍ମପୁର ଲୋକସଭା ଓ ବିଧାୟକ ପ୍ରାର୍ଥୀ ପ୍ରଦୀପ କୁମାର ପାଣିଗ୍ରାହୀ ଓ କେ. ଅନୀଲ କୁମାର ଖୋଲାଖୋଲି ଭାବେ ନିର୍ବାଚନ ଆଚରଣ ବିଧିର ଉଲଂଘନ କରୁଥିବା ଅଭିଯୋଗ ହୋଇଛି। ପ୍ରାର୍ଥୀ ଚୟନ ଓ ଟିକେଟ ଆବଣ୍ଟନରେ ବିଭ୍ରାଟ ଯୋଗୁଁ ଗେରୁଆ ଦଳରେ ଗୋଷ୍ଠୀକନ୍ଦଳ ତୀବ୍ର ହୋଇଛି। ଉଭୟ ପ୍ରାର୍ଥୀ ଅନ୍ୟ ଦଳରୁ ଆମଦାନୀ ହୋଇଥିବାରୁ ବିଜେପିର ପୁରୁଣା କର୍ମୀ ଓ ନେତାଏ ଉଭୟ ପ୍ରାର୍ଥୀଙ୍କ ସହିତ ପ୍ରଚାରରେ ସାମିଲ ହେଉନଥିବା ଦେଖିବାକୁ ମିଳିଛି। ହାତଗଣତି କିଛି ସମର୍ଥକଙ୍କୁ ସାଙ୍ଗରେ ନେଇ ସେମାନେ ପ୍ରଚାର କରୁଥିବା ପରିଲକ୍ଷିତ ହୋଇଛି। ଶନିବାର ବିଜେପିର ଉଭୟ ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ଓ କେ.ଅନୀଲ କୁମାର ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡିଆରେ ପ୍ରଚାର କରିବାକୁ ଯାଇଥିଲେ। ସେଠାରେ ଯୁବବର୍ଗଙ୍କୁ ପ୍ରଲୋଭିତ କରିବା ପାଇଁ ଫୁଟବଲ ଓ ନେଟ ଭଳି ଖେଳ ଉପକରଣ ବାଣ୍ଟିଥିବା ଅଭିଯୋଗ ହୋଇଛି। ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ହେବା ଆଶଙ୍କା କରି ଉଭୟ ପ୍ରାର୍ଥୀ ଅନ୍ୟମାନଙ୍କ ଜରିଆରେ ଏହି ଉପକରଣ ବାଣ୍ଟିଥିବା କୁହାଯାଉଛି। ଆଦର୍ଶ ନିର୍ବାଚନ ଆଚରଣ ବିଧିର ଖୋଲାଖୋଲି ଉଲ୍ଲଂଘନ କରି ସର୍ବସମ୍ମୁଖରେ ଏଭଳି ଉପକରଣ ବାଣ୍ଟି ଭୋଟରଙ୍କୁ ପ୍ରଲୋଭିତ କରିବାକୁ ଚେଷ୍ଟା କରାଯାଉଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ଆସିବା ପରେ ନିର୍ବାଚନ ଅଧିକାରୀ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

## ଜିଲ୍ଲାର ମାସନ୍ତ ମେରୁ ପର୍ବ ଉଦ୍‌ଯାପିତ



**ଆସିକା,୧୩।୪(ସମିସ): ଗଞ୍ଜାମ ଜିଲ୍ଲାର ସମସ୍ତ** ଅଞ୍ଚଳରେ ଦଣ୍ଡଯାତ୍ରାକୁ ନେଇ ଲାଗି ରହିଥିଲା ଉତ୍ସବ ମୁଖର। ନିଷ୍ଠାର ସହ ଦଣ୍ଡରେ ସାମିଲ ହୋଇଥିଲେ ଦଣ୍ଡଭୁକ୍ତା। ଦୀର୍ଘ ତେର ଦିନ ଧରି ଦଣ୍ଡର ବିଧି ବିଧାନ ପାଳନ କରି ଆସୁଥିଲେ ଦଣ୍ଡଧାରୀ। ବିଶେଷ କରି ମାନସିକଧାରୀ ଦଣ୍ଡୁଆ ମାନେ ମା'କାଳୀଙ୍କୁ ସୁମରଣା କରି ଖାଲି ପାଦରେ ମାଇଲ ମାଇଲ ବାଟ ଚାଲିଯିବା ସହ ଖରାରେ ଧୂଳିଦଣ୍ଡ ସାଙ୍ଗକୁ ପାଣି ଦଣ୍ଡରେ ସାମିଲ ହୋଇ ଦିନ ଓ ରାତିତମାମ ଦଣ୍ଡର ବିଧିରେ ଥିଲେ। ଗଞ୍ଜାମ ଜିଲ୍ଲାର ଆସିକା, ନୂଆଗାଁ, ଖାରିଆ, କାଳକଣ୍ଠେପୁର ଓ ମୁଣ୍ଡମରାଇ ସମେତ ବିଭିନ୍ନ ଅଞ୍ଚଳରେ ମାସନ୍ତ ମେରୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ମାସନ୍ତ ମେରୁ ଉଦ୍‌ଯାପିତ ଦିବସରେ ଆଖପାଖ ଅଞ୍ଚଳର ହଜାର ହଜାର ଭକ୍ତ ଯୋଗ ଦେଇଥିଲେ। ରବିବାର ଜିଲ୍ଲାର ଅନେକ ଅଞ୍ଚଳରେ ସଂକ୍ରାନ୍ତି ମେରୁ ପର୍ବ ପାଳନ ହେବ।

## ଶାନ୍ତିଲତା ବାରିକଙ୍କ ସ୍ମୃତିସଭା




**କବିସୂର୍ଯ୍ୟନଗର,୧୩।୪(ସମିସ):** କବିସୂର୍ଯ୍ୟନଗର ଶ୍ରୀଗୁଣ୍ଡିଚା ଭଜନ ମଣ୍ଡଳୀ ପକ୍ଷରୁ ମାଉସୀ ମା'ମନ୍ଦିରରେ ଶାନ୍ତିଲତା ବାରିକଙ୍କ ସ୍ମୃତିସଭା ଆୟୋଜିତ ହୋଇଯାଇଛି। ସ୍ୱର୍ଗତ ବାରିକଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରିବା ସହ ଦୀପ ପ୍ରଜ୍ଜଳନ କରିଥିଲେ। ମୁଖ୍ୟ ଅତିଥିଭାବେ ଓଡ଼ିଆ ପ୍ରାଧ୍ୟାପକ ତଥା ସାହିତ୍ୟିକ କୈଳାସ ନାଥ ସ୍ୱାଇଁ ଯୋଗଦେଇ ଶାନ୍ତିଲତାଙ୍କ ଆତ୍ମଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସାହିତ୍ୟିକ ରାମନାଥ ମାଝୀ, ଡା. କଂଗ୍ରେସ ପ୍ରଧାନ, ଗୀତିକାର ତଥା ସାମ୍ବାଦିକ ରତ୍ନାକର ସିଓ, ପଦ୍ମଚରଣ ଦାସ ପ୍ରମୁଖ ଅତିଥି ନିଜର ବକ୍ତବ୍ୟ ରଖିଥିଲେ। ଅନ୍ୟାନ୍ୟ ଅତିଥି ମଧ୍ୟରେ ପଦ୍ମଚରଣ ଦାସ, ବିଶ୍ୱନାଥ ରାଉତ, ଗୁରୁନାଥ ଗୌଡ଼, ରାଜେଶ୍ୱରୀ ନାୟକ, ସୁନୀଲ ମଲିକ, ଭଗବାନ ଡାକୁଆ, ପଞ୍ଚାନନ ବାଡ଼ତ୍ୟା, ଏ. ରାମେଶ୍ୱରୀ ଆଚାରୀ ପ୍ରମୁଖ ଯୋଗ ଦେଇଥିଲେ। ବବ୍ରୁବାହାନ ଜେନା, ସନାତନ ଗୌଡ଼, ଶିଶୁଗୋପାଳ ସାହୁ, ସୁବାସ ବିଶ୍ୱାଳ ପ୍ରମୁଖ କଣ୍ଠଦାନ କରିଥିଲେ। ସାମ୍ବାଦିକ ତଥା ଭଜନ ଗାୟକ କୃପାସିନ୍ଧୁ ସ୍ୱାଇଁ ସଂଯୋଜନା କରିଥିଲେ। ସମାଜସେବୀ ଏ. ବ୍ରହ୍ମାନନ୍ଦ ଆଚାରୀ ପରିଚାଳନାରେ ସହଯୋଗ କରିଥିଲେ।

■ ପୁଲିସର ବଦାନ୍ୟତା

## ୪୦ ହଜାର ଟଙ୍କା ଫେରି ପାଇଲେ ରାମଚନ୍ଦ୍ର



**ପୋଲସରା,୧୩।୪(ସମିସ):** ପୋଲସରା ଏନ୍‌ଏସି ରାଣୀପଡା ସାହିର ରାମଚନ୍ଦ୍ର ପରିଡ଼ା ଗତ ତିନି ଦିନ ତଳେ ବୁଗୁଡା ହାଡୱାର ଦୋକାନରୁ ୧ ଲକ୍ଷ ୯୦ ହଜାର ଟଙ୍କାର ସାମଗ୍ରୀ କିଣିଥିଲେ। ଯାହାକି ନଗଦ ଆକାରରେ ଦେଢ଼ ଲକ୍ଷ ଟଙ୍କା ଦେଇଥିବା ବେଳେ ବାକି ୪୦ ହଜାର ଟଙ୍କା ଫୋନ୍ ପେ' ମାଧ୍ୟମରେ ପଠାଇଥିଲେ। କିନ୍ତୁ ଦୋକାନୀ ଦେଇଥିବା ଭୁଲ ନମ୍ବର୍ ଯୋଗୁ ଉକ୍ତ ୪୦ ହଜାର ଟଙ୍କା ସଠିକ ମାଲିକଙ୍କ ଫୋନ୍ ପେ ବଦଳରେ ସମ୍ବଲପୁର ଚିପିଲିମାଁ ଅଞ୍ଚଳର ଜଣେ ବ୍ୟକ୍ତି ସରୋଜ ସାହୁଙ୍କ ଆକାଉଣ୍ଟକୁ ଚାଲି ଯାଇଥିଲା। ଯାହାକୁ ନେଇ ରାମଚନ୍ଦ୍ର ପରିଡ଼ା ସମ୍ବଲପୁର ଚିପିଲିମାର ସରୋଜ ସାହୁଙ୍କୁ ୪୦ ହଜାର ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ। ହେଲେ ଏଥିରେ ବିଳମ୍ବ ହେବା ଦେଖି ରାମଚନ୍ଦ୍ର ପୋଲସରା ଥାନାରେ ଅଭିଯୋଗ କରିଥିଲେ। ଏଭଳି ଘଟଣାକୁ ଗୁରୁତ୍ୱର ସହ ନେଇ ପୋଲସରା ଥାନା ଅଧିକାରୀ କୌଶିକ୍ ମାଝୀ ତୁରନ୍ତ ଉଚିତ ପଦକ୍ଷେପ ଗ୍ରହଣ କରିବା ସହ ସମ୍ବଲପୁର ପୁଲିସର ସହାୟତା ନେଇଥିଲେ। ଅଭିଯୋଗର ୧୨ ଘଣ୍ଟା ମଧ୍ୟରେ ପୋଲସରା ପୁଲିସ୍ ସେହି ବ୍ୟକ୍ତିଙ୍କଠାରୁ ୪୦ ହଜାର ଟଙ୍କା ଫେରାଇ ଆଣି ଅଭିଯୋଗ କରିଥିବା ରାମଚନ୍ଦ୍ରଙ୍କୁ ହସ୍ତାନ୍ତର କରିଛି। ଯାହାକୁ ନେଇ ରାମଚନ୍ଦ୍ରଙ୍କ ପରିବାର ପୋଲସରା ଥାନା ଅଧିକାରୀ କୌଶିକ୍ ମାଝି ଓ ଏସ.ଆଇ ସୁଭ୍ରଜିତ ସାମନ୍ତରାୟଙ୍କ ସମେତ ସମ୍ବଲପୁର ପୁଲିସକୁ ଧନ୍ୟବାଦ ଜଣାଇଥିଲେ।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

**ଛତ୍ରପୁର,୧୩।୪(ସମିସ):** ଛତ୍ରପୁର ତାଡେପଲ୍ଲୀ ସାହିର ଜଗବନ୍ଧୁ ପାଣିଗ୍ରାହୀଙ୍କ ଶୁକ୍ରବାର ପରଲୋକ ଘଟିଛି। ସ୍ୱର୍ଗତ ଜଗବନ୍ଧୁ ଜଣେ ଧର୍ମପରାୟଣ ବ୍ୟକ୍ତି ଭାବେ ପରିଚିତ ଥିବାବେଳେ ତାଡେପଲ୍ଲୀ ସାହିସ୍ଥିତ ଜଗନ୍ନାଥ ମନ୍ଦିରର ମୁଖ୍ୟ ଭାବେ ରହି ବିଭିନ୍ନ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରୁଥିଲେ। ଗତ କିଛି ଦିନ ହେଲା ସେ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି। ଶନିବାର ତାଙ୍କର ମରଶରୀର ତାଡେପଲ୍ଲୀ ସାହିସ୍ଥିତ ବାସଭବନରେ ପହଞ୍ଚିଥିଲା। ତାଙ୍କର ମରଶରୀରକୁ ଛତ୍ରପୁର ସହର ପରିକ୍ରମା କରାଯାଇ ପାଲିଆ ଛତ୍ରପୁରସ୍ଥିତ ଶ୍ମଶାନରେ ସତ୍କାର କରାଯାଇଥିଲା। ତାଙ୍କ ବିୟୋଗରେ ପରିବାରବର୍ଗ ଓ ଅଞ୍ଚଳର ବିଭିନ୍ନ ବର୍ଗର ଲୋକେ ଉପସ୍ଥିତ ଥିଲେ।

■ ଖସୁଛି ପଦ୍ମପାଖୁଡ଼ା

## ବିଜେପି ଛାଡ଼ିଲେ ଘୁମୁସର ଉପସଭାପତି ସନ୍ତୋଷ



**ବ୍ରହ୍ମପୁର,୧୩।୪(ସମିସ):** ସାଧାରଣ ନିର୍ବାଚନ ଲାଗି ପ୍ରାର୍ଥିପତ୍ର ଦାଖଲ କରିବାକୁ ଦିନ ପାଖେଇ ଆସୁଥିବାବେଳେ ଦଳଡିଆଁ ପର୍ବ ଚାଲୁ ରହିଛି। ଏହି କ୍ରମରେ ବିଜେପିର ଗୋଷ୍ଠୀ କନ୍ଦଳ ଯୋଗୁଁ ଜଣକ ପରେ ଜଣେ ନେତା ଦଳ ଛାଡୁଛନ୍ତି। ପୂର୍ବରୁ ଜିଲ୍ଲାର ଆଗଧାଡ଼ିର ନେତାମାନେ ଦଳ ଛାଡ଼ି ବିଜେଡିରେ ଯୋଗଦେଇଥିବାବେଳେ ଏବେ ଘୁମୁସର ଉପସଭାପତି ତଥା ଆଇନଜୀବୀ ସନ୍ତୋଷ କୁମାର ଦାଶ ଦଳ ଛାଡ଼ିଛନ୍ତି। ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେବା ସହ ତାଙ୍କ ଇସ୍ତଫାପତ୍ରକୁ ରାଜ୍ୟ ସଭାପତିଙ୍କ ନିକଟକୁ ପଠାଇଛନ୍ତି।

## ଆସିକା ବିଧାୟିକାଙ୍କ ଜନସମ୍ପର୍କ ଯାତ୍ରା



**କବିସୂର୍ଯ୍ୟନଗର,୧୩।୪(ସମିସ):** କବିସୂର୍ଯ୍ୟନଗର ବ୍ଲକ ଆମ୍ବପୁଆ ପଞ୍ଚାୟତରେ ବିଜେଡି ପକ୍ଷରୁ ଜନସମ୍ପର୍କ ଅଭିଯାନ ଆରମ୍ଭ ହୋଇଛି। ଆସିକା ବିଧାୟିକା ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁ ଘରକୁ ଘର ବୁଲି ଲୋକଙ୍କୁ ବିଜେଡିର ବିକାଶମୂଳକ କାର୍ଯ୍ୟ ସଂପର୍କରେ ବୁଝାଇଥିଲେ। ଜିଲ୍ଲା ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, କବିସୂର୍ଯ୍ୟନଗର ବ୍ଲକ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ, ଆମପୁଆ ସମିତି ସଭ୍ୟ ଅଶ୍ୱିନୀ ସ୍ୱାଇଁ, ପ୍ରାକ୍ତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ସୁରଥ ଚନ୍ଦ୍ର ପ୍ରଧାନ, ଆସିକା ସମବାୟ ବ୍ୟାଙ୍କ ସଭାପତି ମଙ୍ଗୁଲୁଧର ସାହୁ, ୫ନଂ ଜିଲ୍ଲା ପରିଷଦ ବଳରାମ ପ୍ରଧାନ, ୬ନଂ ଜିଲ୍ଲା ପରିଷଦ ସଂଗୀତା ସ୍ୱାଇଁ, ଆମ୍ବପୁଆ ସରପଞ୍ଚ ଅମୀୟ କୁମାର ମାହୁନ୍ତ, ବରିଡା ଏ ସରପଞ୍ଚ ଗୀତାଞ୍ଜଳି ସାହୁ, କନିଆରୀ ସରପଞ୍ଚ ରବୀନ୍ଦ୍ର ବେହେରା, କନିଆରୀ ସମିତି ସଭ୍ୟ ଶଙ୍କର ବେହେରା, ବାଲ୍ୟସରା ସରପଞ୍ଚ ରବୀନ୍ଦ୍ର ପୋଲାଇ ଓ ସମିତିସଭ୍ୟା ମମତା ଖଣ୍ଡୁଆଳ, ସୁନାରିଝୋଳ ସରପଞ୍ଚ ରାଧାକୃଷ୍ଣ ରେଡି ଓ ସମିତି ସଭ୍ୟ ସୂର୍ଯ୍ୟ ନାରାୟଣ ଭୂୟାଁ, ଶିଆଳିଆ ସମିତିସଭ୍ୟ କସ୍ତୁପାଣି ନାହାକ ସମେତ ପ୍ରାକ୍ତନ ଆମ୍ବପୁଆ ସରପଞ୍ଚ ହିମାଂଶୁ ଶେଖର ରାଉତ ଓ ସମିତି ସଭ୍ୟ ଧନୁର୍ଦ୍ଧର ସାମଲ, ରଜନୀ ମଣ୍ଡଳ, ପଞ୍ଚୁ ସ୍ୱାଇଁ, ବିପ୍ର ପୋଲାଇ, ହରି ପ୍ରଧାନ ଓ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ବାଲି ଚଢ଼ଉ ବେଳେ ଆକ୍ରମଣ; ଜଣେ ଗିରଫ

**ଗଞ୍ଜାମ,୧୩।୪(ସମିସ):** ଗଞ୍ଜାମ ଥାନା ଅଧୀନସ୍ଥ ଋଷିକୂଲ୍ୟା ସଡ଼କ ପୋଲ ନିକଟରେ ଚୋରା ବାଲି ଚାଲାଣ ଚଢ଼ାଉବେଳେ ରାଜସ୍ୱ ଅଧିକାରୀଙ୍କୁ ଆକ୍ରମଣ ଓ ଗାଡ଼ି ଭାଙ୍ଗିବା ଘଟଣାରେ ଗଞ୍ଜାମ ଥାନା ପୁଲିସ ବାପି ଦାସଙ୍କୁ ଶୁକ୍ରବାର ଗିରଫ କରିଛି। ରାଜସ୍ୱ ଅଧିକାରୀଙ୍କ ଅଭିଯୋଗ କ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଘଟଣା ପରଠାରୁ ଅଭିଯୁକ୍ତମାନଙ୍କୁ ପୁଲିସ ଖୋଜୁଥିଲା। ବାପିଙ୍କ ଘରେ ମାନସିକ ଦଣ୍ଡନାଚ ହେଉଥିବାରୁ ବାପି ଘରେ ଥିବା ସୂଚନା ପାଇ ପୁଲିସ ସାଧା ପୋଷାକରେ ଆସି ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଆଇଆଇସି ସୁମିତ୍ରା ପାତ୍ର କହିଛନ୍ତି।

### ନୋ ଫିସିଂ ଜୋନ୍‌ରେ ମାଛମରା

## ୯୭୯ ଶହ କେଜି ମାଛ ସହ ଟ୍ରଲର୍ ଜବତ

**ଗଞ୍ଜାମ,୧୩।୪(ସମିସ):** ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ମୁହାଁଣ ସମୁଦ୍ରର ନୀଳ ଜଳରାଶୀ ନୋ ଫିସଙ୍ଗ ଜୋନ୍‌ରୁ ମାଛ ମାରୁଥିବାବେଳେ ଏକ ପାରାଦୀପ ଟ୍ରଲର ଜବତ କରାଯାଇଥିବା ବନ ବିଭାଗ କହିଛି। ଟ୍ରଲର ମଧ୍ୟରୁ ୧୦ ଜଣ ମତ୍ସ୍ୟଜୀବୀଙ୍କୁ ଅଟକ ରଖାଯାଇଛି। ଏଥିସହ ସେଥିରେ ଥିବା ୯୭୯ ଶହ କିଲୋ ମାଛ ମଧ୍ୟ ଜବତ କରାଯାଇ

### ୧୦ ମତ୍ସ୍ୟଜୀବୀ ଅଟକ

ସ୍ଥାନୀୟ ବ୍ୟବସାୟୀମାନଙ୍କୁ ଅକ୍ସନ କରିଦିଆଯାଇଛି। ଏ. ରାଜୁ, ଏ କ୍ରିଷ୍ଣା, ଏ. ଚଲାପଥି, ବି. ମହେଶ, ବି. ଗଣେଶ, ଦିଗବିଶ ମନା, ସମିର ଦେ, କାଳିଆ ଚୌଧୁରୀ, ସୁଜିତ ବେହେରା, ପ୍ରଶାନ୍ତ ମଲ୍ଲିକ ପ୍ରମୁଖ ପାରାଦୀପ ଅଞ୍ଚଳର ମତ୍ସ୍ୟଜୀବୀଙ୍କୁ ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରିଛି। ଚଢ଼ଉରେ ବନ ବିଭାଗ ପକ୍ଷରୁ ଏସସିଏଫ ଦିବ୍ୟ ଶଙ୍କର ବେହେରା, ଖଲ୍ଲିକୋଟ ଫରେଷ୍ଟର ପ୍ରଶାନ୍ତ କାର୍ଜି, ରମ୍ଭା ଫରେଷ୍ଟର ରତ୍ନା କୁମାର ବେହେରା, ପ୍ରମୋଦ କୁମାର ନାୟକ, ଫରେଷ୍ଟର ଗାର୍ଡ ରାଜେଶ୍ୱର ବେହେରା, ମାଧବ ବେହେରା, ଦେବାଶିଷ ପଟ୍ଟନାୟକ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ଓ ଫିସେରୀ କର୍ମଚାରୀ ଉପସ୍ଥିତ ଥିଲେ।




## ମହିଳାଙ୍କୁ ପୁଅ-ବୋହୂଙ୍କ ଆକ୍ରମଣ ଅଭିଯୋଗ

**ହୁମ୍ମା,୧୩।୪(ସମିସ):** ରମ୍ଭା ଥାନା ଇଲାକା ଝାରେଡ଼ି ରାଧାଗୋବିନ୍ଦପୁର ଗ୍ରାମର ଜଣେ ବିଧବା ମହିଳାଙ୍କୁ ତାଙ୍କ ପୁଅ ବୋହୂ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ବିଧବା ଜଣଙ୍କ ହେଲେ ଉକ୍ତ ଗ୍ରାମର ସୁମିତ୍ରା ନାହାକ(୫୫)। ସୁମିତ୍ରା ତାଙ୍କ ସ୍ୱାମୀଙ୍କ ଅସ୍ଥି ବିସର୍ଜନ କରି ଶୁକ୍ରବାର ଘରକୁ ଫେରିଥିଲେ। ଏତିକିବେଳେ ବଡ଼ ପୁଅ ପ୍ରଦ୍ୟୁମ୍ନ ଓ ବୋହୂ ଗମା ବେହେରା ତାଙ୍କୁ ଆକ୍ରମଣ କରିଥିଲେ। ଏପରିକି ତାଙ୍କ ସାନ ପୁଅ ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ପୁଅବୋହୂଙ୍କ ଆକ୍ରମଣରେ ସୁମିତ୍ରା ଗୁରୁତର ହୋଇଥିଲେ। ଚିକିତ୍ସା ପରେ ସେ ଏନେଇ ରମ୍ଭା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅପରପକ୍ଷେ ବୋହୂ ଗମା ମଧ୍ୟ ଶାଶୂଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଏନେଇ କେସନଂ୨୪୮/୨୪ ଓ ୨୪୯/୨୪ ପୃଥକ ପୃଥକ ମାମଲା ରୁଜୁ କରି ଆଇଆଇସି ସତ୍ୟବ୍ରତ ଭୁତିଆ ତଦନ୍ତ କରୁଛନ୍ତି।

## ବେଆଇନ ମଇଁଷି ଚାଲାଣ; ଜଣେ ଗିରଫ



**ଖଲ୍ଲିକୋଟ,୧୩।୪(ସମିସ):** ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟରାଜପଥର ଗୁରାପଲ୍ଲୀ ଟୋଲ ଗେଟରେ ଖଲ୍ଲିକୋଟ ପୁଲିସ ପକ୍ଷରୁ ପ୍ରତିଦିନ ନାକାବନ୍ଦୀ କରାଯାଉଛି। ଶୁକ୍ରବାର ରାତିରେ ଖଲ୍ଲିକୋଟ ଥାନା ଏଏସଆଇ ପ୍ରଭାକର ଗନ୍ତାଙ୍କ ନେତୃତ୍ୱରେ ପୁଲିସ ଟିମ ଗୁରାପଲ୍ଲୀ ଟୋଲ ଗେଟ୍‌ଠାରେ ଗାଡି ଯାଞ୍ଚ କରୁଥିଲେ। ଶନିବାର ଭୋର ୩ଟାରେ ଟାଙ୍ଗି ପଟୁ ଏକ ବୋଲେରୋ ପିକ୍‌ଅପ ଗାଡି ନମ୍ବର ଏପି ୩୦ ଏକ୍ସ ୯୬୦୯ ଦ୍ରୁତ ଗତିରେ ଆସୁଥିବାରୁ ଏହାକୁ ତନଖି କରିବା ବେଳେ ସେଥିରେ ୭ଟି ମଇଁଷିକୁ ଅତି ବିପଜ୍ଜନକ ଅବସ୍ଥାରେ ଚାଲାଣ କରାଯାଉଥିବା ଦେଖିବାକୁ ପାଇଥିଲେ। ସେଥି ମଧ୍ୟରୁ ଗୋଟିଏ ମଇଁଷିର ମୃତ୍ୟୁ ଘଟିଥିଲା। ଡ୍ରାଇଭର ମଧ୍ୟ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଜଣାପଡ଼ିଥିଲା। ପୁଲିସ ପିକଅପ୍ ଡ୍ରାଇଭର ତଥା ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା କାଞ୍ଚିଲି ଥାନା ଅନ୍ତର୍ଗତ କାଞ୍ଚିଲି ଡକାରାପାଲାମ ଗ୍ରାମର ରାଜାବାବୁ ପ୍ରଧାନ (୩୨)କୁ ଗିରଫ କରିବା ସହ ୬ଟି ମଇଁଷି ଏବଂ ଗାଡ଼ି ଜବତ କରିଥିଲେ। ମୃତ ମଇଁଷିକୁ ବ୍ୟବଚ୍ଛେଦ ପାଇଁ ଖଲ୍ଲିକୋଟ ପ୍ରାଣୀ ଚିକିତ୍ସାଳୟକୁ ପଠାଯାଇଛି। ଏନେଇ ଖଲ୍ଲିକୋଟ ଥାନା କେସ ନମ୍ବର ୩୨୭/୨୦୨୪ ଅନୁଯାୟୀ ମାମଲା ରୁଜୁ ହୋଇଥିବା ଖଲ୍ଲିକୋଟ ଥାନା ଅଧିକାରୀ ନରେଶ କୁମାର ସାହୁ କହିଛନ୍ତି।

## ବାଇକ୍‌କୁ ଧକ୍କାଦେଲା କାର୍; ଜଣେ ମୃତ

**ଖଲ୍ଲିକୋଟ,୧୩।୪(ସମିସ):** ଖଲ୍ଲିକୋଟ ଥାନା ଅଧୀନସ୍ଥ ଭେଜିପୁଟ ପୁଲିସ ଫାଣ୍ଡି ସମ୍ମୁଖରେ ଏକ କାର୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଭେଜିପୁଟ ଗ୍ରାମର ପ୍ରମୋଦ ସାମନ୍ତରାୟ। ପ୍ରମୋଦ ଶୁକ୍ରବାର ଅପରାହ୍ନ ୪ଟାରେ ଏକ ବାଇକ୍ ନମ୍ବର ଯୋଗେ ନିଜ ଘରୁ ବାହାରି କୁକୁଡ଼ା ଫାର୍ମକୁ ଯିବାପାଇଁ ଭେଜିପୁଟ ଫାଣ୍ଡି ସମ୍ମୁଖରେ ରାସ୍ତା ପାର ହେଉଥିବା ବେଳେ ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଏକ କାର୍ ତାଙ୍କ ବାଇକ୍‌କୁ ଶକ୍ତ ଧକ୍କା ଦେଇଥିଲା। ଫଳରେ ବାଇକ୍ ସହ ପ୍ରମୋଦ ୧୦ ଫୁଟ ଉପରକୁ ଉଠି ତଳେ ପଡ଼ିଥିଲେ। ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ତେବେ ଭୁବନେଶ୍ୱର ଯିବା ରାସ୍ତାରେ ପ୍ରମୋଦଙ୍କ ମୃତ୍ୟୁ ଘଟିଥିଲା। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଦୁର୍ଘଟଣାଗ୍ରସ୍ତ କାର୍‌କୁ ଜବତ କରିବା ସହ ଡ୍ରାଇଭରଙ୍କୁ ମଧ୍ୟ ଗିରଫ କରିଛି।

# ମାସନ୍ତ ମେରୁ ଯାତ୍ରା ଉଦ୍‌ଯାପିତ



**ପୋଲସରା,୧୩।୪(ସମିସ):** ପବିତ୍ର ଚୈତ୍ରମାସରେ ଗଞ୍ଜାମ ଜିଲ୍ଲାରେ ପ୍ରସିଦ୍ଧ ଦଣ୍ଡଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୋଲସରାର ବିଭିନ୍ନ ଗ୍ରାମରେ ମା' ଦଣ୍ଡକାଳୀଙ୍କ ଦଣ୍ଡଯାତ୍ରା ବହୁ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ପବିତ୍ର ଚୈତ୍ରମାସରେ ମାନସିକଧାରୀ ଶ୍ରଦ୍ଧାଳୁମାନେ ନିଜେ ନିଜର ପରମ୍ପରାକୁ ପାଥେୟ କରି ଦୀର୍ଘ ୧୩ ଦିନ ଧରି ମହାସମାରୋହରେ ମା' ଦଣ୍ଡକାଳୀ ଗାଁକୁ ଗାଁ ଧରି ପରିଭ୍ରମଣ କରିଥିଲେ। ରାଣୀପଡ଼ାର ମା' ଉତ୍ତରାକାଳୀଙ୍କ ମନ୍ଦିରରେ ମାସନ୍ତ ମେରୁ ଶହଶହ ଶ୍ରଦ୍ଧାଳୁଙ୍କ ଗହଣରେ ପାଳନ କରାଯାଉଛି। ଆସ୍ଥା ଓ ବିଶ୍ୱାସର ଏହି ପରମ୍ପରାକୁ ନେଇ ଶହ ଶହ ଶ୍ରଦ୍ଧାଳୁ ଏହି ମାସନ୍ତ ମେରୁ ଯାତ୍ରାରେ ସାମିଲ ହୋଥାନ୍ତି। ଘଣ୍ଟ ଘଣ୍ଟା ଢୋଲ ବାଜାରେ ମା' କାଳୀଙ୍କ ଆସ୍ଥାନ ପ୍ରକମ୍ପିତ ହୋଇ ଉଠୁଥିବା ବେଳେ ମାନସିକଧାରୀ ଦଣ୍ଡୁଆମାନେ ଯଥା ରୀତିନିତୀ ଅନୁସାରେ ଧୂଳିଦଣ୍ଡ, ପାଣି ଦଣ୍ଡ, ପୂର୍ଣ୍ଣାହୁତିରେ ମା' କାଳୀଙ୍କ ମନ୍ଦିର ପରିକ୍ରମା କରିଥିଲେ। ଶେଷରେ ବେଲ କାଠରେ ନିର୍ମାଣ ହୋଇଥିବା ଦୁଇ ଖୁଣ୍ଟିରେ ମୁଖ୍ୟପାଟ ଦଣ୍ଡୁଆଙ୍କୁ ଗୋଡ଼ ଉପରକୁ ବାନ୍ଧି ମଣ୍ଡ ତଳକୁ କରି ମେରୁଅଗ୍ନି କୁଣ୍ଡରେ ଝୁଲି ମା' କାଳୀଙ୍କୁ ସମର୍ପଣରେ ଜଗତର କଲ୍ୟାଣ କରିଥାନ୍ତି। ଏହି ଲୋକପ୍ରିୟ ଗଣଉତ୍ସବକୁ ନେଇ ପୋଲସରା ଅଞ୍ଚଳର ସମସ୍ତ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆଧ୍ୟାତ୍ମିକ ମୈତ୍ରୀର ସଞ୍ଚାର ହୋଇଥିଲା। ଯାହାକୁ ନେଇ ଦଣ୍ଡଯାତ୍ରାର କାର୍ଯ୍ୟକ୍ରମ ସୂଚାରୁ ରୂପେ ପରିଚାଳନା କରିଥିଲେ ଦଣ୍ଡଯାତ୍ରାର ସମସ୍ତ କମିଟିବୃନ୍ଦ। ଏହି ୧୩ ଦିନ ଧରି ଦଣ୍ଡଯାତ୍ରାକୁ ପରିଚାଳନା ମ୍ୟାନେଜର ମଦନମୋହନ ମହାରଣାଙ୍କ ସମେତ କମିଟିର ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀ ମାନେ ଉପସ୍ଥିତ ଥିଲେ। ସେହିପରି ପୋଲସରା ବ୍ଲକ ଅନ୍ତର୍ଗତ ରୁମାଗଡ଼, ସୋଡ଼କ, ମଥୁରା ଓ ମାଳତେନ୍ତୁଳିଆରେ ମାସନ୍ତ ମେରୁପର୍ବ ବହୁ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇ ଥିବାବେଳେ ମାନସିକଧାରୀ ଦଣ୍ଡୁଆ ଓ ଶ୍ରଦ୍ଧାଳୁମାନେ ନିଷ୍ଠାର ସହ ଭକ୍ତିପୂତ ଭାବେ ମା' କାଳୀଙ୍କ ପୂଜାର୍ଚ୍ଚନା କରିଛନ୍ତି। ମାସନ୍ତ ମେରୁ ସହ ଏହି ଯାତ୍ରା ଉଦ୍‌ଯାପିତ ହୋଇଛି।

## ୨ ଲକ୍ଷ ୨୦ ହଜାର ଟଙ୍କା ଲୁଟ୍ ଘଟଣା

# ଅଭିଯୁକ୍ତ ଗିରଫ; ନଗଦ ଟଙ୍କା, ବନ୍ଧୁକ ଓ କାତି ଜବତ



**କାମାକ୍ଷାନଗର, ୧୩।୪(ସମିସ)**

ଢେଙ୍କାନାଳ ଜିଲ୍ଲାର କଙ୍କଡାହାଡ଼ ଥାନା ଅନ୍ତର୍ଗତ କଣ୍ଟାପାଳ ଗ୍ରାମଠାରେ କେତେକ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ନଗଦ ୨ ଲକ୍ଷ ୨୦ ହଜାର ଟଙ୍କା ଡକାୟତି କରିବା ଘଟଣାରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି । ଗତ ୩ ତାରିଖ କଙ୍କଡାହାଡ଼ ଥାନା କଣ୍ଟାପାଳ ରାସ୍ତାରେ ବନ୍ଧୁକ ଦେଖାଇ ୨ ଲକ୍ଷ ୨୦ ହଜାର ଟଙ୍କା ଲୁଟକରିବା ଘଟଣାର ଅଭିଯୁକ୍ତ ଅନଗୁଳ ଜିଲ୍ଲା ନିଶା ଶିଳ୍ପାଞ୍ଚଳ ଥାନା ଅଧୀନରେ ଥିବା ଗୋପୀନାଥପୁର ଗ୍ରାମର ପ୍ରଶାନ୍ତ ନାଏକକୁ ଗିରଫ କରାଯାଇଛି । ସେ ଗତ ୩ ତାରିଖରେ କଙ୍କଡାହାଡ଼ ଗାଁର ପ୍ରଭଞ୍ଜନ ସାହୁଙ୍କ ଠାରୁ କଙ୍କଡାହାଡ଼ ଗଡ଼ ପଳାଶୁଣୀ ପୂର୍ତ୍ତ ବିଭାଗ ରାସ୍ତାର କଣ୍ଟାପାଳ ଠାରେ ବନ୍ଧୁକ ଦେଖାଇ ୨ ଲକ୍ଷ ୨୦ ହଜାର ଟଙ୍କା ଲୁଟ୍ କରିଥିଲା । ଏ ସମ୍ପର୍କରେ ପ୍ରଭଞ୍ଜନ କଙ୍କଡାହାଡ଼ ଥାନାରେ ଏକ ମାମଲା ରୁଜୁକରିବା ପରେ କାମାକ୍ଷାନଗର ଏସଡିପିଓ ସ୍ନେହାଶିଷ ସାହୁଙ୍କ ନିର୍ଦ୍ଦେଶରେ କଙ୍କଡାହାଡ଼ ଥାନା ଅଧିକାରିଣୀ କଳ୍ପନା ବେହେରା ଅଭିଯୁକ୍ତକୁ ଧରିବା ପାଇଁ ସକ୍ଷମ ହୋଇଥିଲେ । ଅଭିଯୁକ୍ତ ଠାରୁ ନଗଦ ୪୫ ହଜାର ଟଙ୍କା, ଗୋଟିଏ ବନ୍ଧୁକ ଓ କାତି ଜବତ କରାଯାଇଛି । ବିଗତ କିଛିଦିନ ଧରି କଙ୍କଡାହାଡ଼ ଗଡ଼ପଳାଶୁଣୀ ପୂର୍ତ୍ତ ବିଭାଗ ରାସ୍ତାରେ ଡକାୟତି ବୃଦ୍ଧି ପାଉଥିବା ବେଳେ କଙ୍କଡାହାଡ଼ ଥାନା ଅଧିକାରିଣୀଙ୍କ ତୁରନ୍ତ ଅଭିଯୁକ୍ତକୁ ଗିରଫ କରିବା ଘଟଣାକୁ ନେଇ ସ୍ଥାନୀୟ ବାସିନ୍ଦା ଆଶ୍ୱସ୍ତ ଲାଭ କରିଛନ୍ତି ।

# ୮ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ; ୧ ଗିରଫ




**ଢେଙ୍କାନାଳ, ୧୩।୪(ସମିସ) :** ଢେଙ୍କାନାଳ ଜିଲ୍ଲା ଅବକାରୀ ବିଭାଗ ତରଫରୁ ଚଢ଼ଉ କରାଯାଇ କାରରେ ଚାଲାଣ ହେଉଥିବା ୮୦ କେଜି ଗଞ୍ଜେଇ ଜବତ କରାଯିବା ସହ ଜଣକୁ ଗିରଫ କରାଯାଇଛି । କୌଣସି ସୂତ୍ରରୁ ଖବରପାଇ ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସୀତାରାଣୀ ପଟ୍ଟନାୟକ, ଅବକାରୀ ଇନ୍ସପେକ୍ଟର ସାହିକା ବେସନ, ସଦର ଇନ୍ସପେକ୍ଟର ନରେନ୍ଦ୍ର ପ୍ରଧାନ, ମୋବାଇଲ ଏସଆଇ ପୁରୁଷୋତ୍ତମ ମିଶ୍ର, ଏଏସଆଇ ଛାୟାକାନ୍ତ ନାଏକ, ସମୀର କୁମାର ମହାଳିକ ପ୍ରମୁଖ ଚଢ଼ଉ କରିଥିଲେ । ଏହି ଚଢ଼ଉ ସମୟରେ ଏକ ଇଣ୍ଡିଗୋ କାର (ଓଆର୧୯ ଜେ୮୪୮୨)ରେ ଗଞ୍ଜେଇ ଥିବା ଜଣାପଡ଼ିଥିଲା । ଅବକାରୀ ବିଭାଗ କାରକୁ ଅଟକାଇବା ପରେ ସେଥିରେ ୮୦ କେଜି ଗଞ୍ଜେଇକୁ ଜବତ କରିଥିଲା । ଏହା ସହିତ କାର ଚଳାଉଥିବା ସଦର ଥାନା କୁକୁଡ଼ାଝର ଖମାର ଗ୍ରାମର ପ୍ରଫୁଲ୍ଲ କୁମାର ସାହୁଙ୍କ ପୁଅ ଦୁଷ୍ମନ୍ତ ସାହୁଙ୍କୁ ଗିରଫ କରାଯାଇଛି । ଏହି ଘଟଣାକୁ ନେଇ ୧୦/୨୪ରେ ଏକ ମାମଲା ରୁଜୁ କରାଯାଇଛି । ଏହି ଚଢ଼ଉରେ କନେଷ୍ଟବଳ ସୁଜିତ ନାୟକ, ଲିଟୁ ବିଶ୍ୱାଳ, ସତ୍ୟବ୍ରତ ମହାଳିକ, ବନିତା ବେହେରା, ପ୍ରଶାନ୍ତ କୁମାରରାଉତ, ଆଲୋକ କୁମାର ଜେନା, ରଞ୍ଜିତ ପୃଷ୍ଟି ପ୍ରମୁଖ ଭାଗ ନେଇଥିଲେ । ଜବତ ଗାଡ଼ିର ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂତ୍ରରୁ ଜଣାପଡ଼ିଛି ।

## ■ ଦୁର୍ଘଟଣାରେ ଡ୍ରାଇଭର ମୃତ

# ରାସ୍ତାରେ ଶବ ରଖି କ୍ଷତିପୂରଣ ଦାବିରେ ଉତ୍ତେଜନା

**ଓଡାପଡ଼ା, ୧୩।୪(ସସିମ) :** ଢେଙ୍କାନାଳ ଜିଲ୍ଲାର କଣ୍ଟାବଣିଆ ଥାନା ଅନ୍ତର୍ଗତ ଜିଏମଆର୍ କମଳାଙ୍ଗ ପାୱାର ପ୍ଲାଣ୍ଟ ପରିସରରେ କାର୍ଯ୍ୟରତ ଡ୍ରାଇଭରଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ଶନିବାର ସକାଳ ପ୍ରାୟ ୮ ଘଟିକା ସମୟରେ ଓଡି ୩୫ ବି ୦୬୪୪ ନଂ ବିଶିଷ୍ଟ ଏକ କୋଇଲା ବୋଝେଇ ଟ୍ରକ ଜିଏମଆର ପ୍ଲାଣ୍ଟ ପରିସରରେ କୋଇଲା ଅନଲୋଡିଂ କରୁଥିବା ସମୟରେ କୌଣସି କାରଣବଶତଃ ଟ୍ରକ ଡ୍ରାଇଭର ବିମଳ କୁମାର ପ୍ରଧାନ (୪୮) ଚକା ତଳେ ଚାପିହୋଇ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ । କାରଖାନା କର୍ତ୍ତୃପକ୍ଷ ଶବ ବ୍ୟବଚ୍ଛେଦ ପାଇଁ ଅନୁଗୋଳ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପରିବାର ସଦସ୍ୟ ଓ ସହକର୍ମୀଙ୍କ ସହାୟତାରେ କ୍ଷତିପୂରଣ ପାଇବା ପାଇ କାରଖାନାର ମୁଖ୍ୟ ଫାଟକକୁ ଆଣୁଥିଲା ବେଳେ ମଙ୍ଗଳପୁର କଣ୍ଟାବଣିଆ ରାସ୍ତାର ରେଳଫାଟକ ଠାରେ କଣ୍ଟାବଣିଆ ପୁଲିସ ଆମ୍ବୁଲାନ୍ସ ଅଟକାଇ ଏହିଠାରେ ସମାଧାନ କରିବା ପାଇଁ କହିଥିଲେ । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖା ଯାଇଛି । ଖବର ଲେଖାଯିବା ପର୍ଯ୍ୟନ୍ତ ଘଟଣାର କୌଣସି ସମାଧାନ ହୋଇପାରିନାହିଁ । ମୃତ ବିମଳଙ୍କ ଘର ଅନୁଗୋଳ ଜିଲ୍ଲା କିଶୋରନଗର ଥାନା ଅନ୍ତର୍ଗତ ଖେତି ଗ୍ରାମରେ ବୋଲି ଜଣାପଡ଼ିଛି । ବିମଳଙ୍କ ଶବକୁ ରଖି ମଙ୍ଗଳପୁର କଣ୍ଟାବଣିଆ ରାସ୍ତାର ରେଳଫାଟକ ଠାରେ ଉତ୍ତେଜନା ଲାଗିରହିଛି । ଘଟଣାସ୍ଥଳରେ ଉଭୟ କଣ୍ଟାବଣିଆ ଓ ମୋଟଙ୍ଗା ପୁଲିସ ଉପସ୍ଥିତ ରହି ପରିସ୍ଥିତି ନିୟନ୍ତ୍ରଣ କରୁଛନ୍ତି ।



# ପ୍ରୟୋଗଶାଳା ବିଦ୍ୟାଳୟରେ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ

**ଢେଙ୍କାନାଳ, ୧୩।୪(ସମିସ) :** ଢେଙ୍କାନାଳ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରୟୋଗଶାଳା ଜର୍ଜ ସରକାରୀ ଉ.ପ୍ରା ବିଦ୍ୟାଳୟରେ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ଏବଂ ପ୍ରୟୋଗଶାଳା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଙ୍କଜିନୀ କର ଶୁଭାରମ୍ଭ କରିଥିଲେ । ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ସାଧନ ତଥା ସବୁ ଶିକ୍ଷାର୍ଥୀଙ୍କୁ ସକ୍ରିୟ ଅଂଶଗ୍ରହଣର ସୁଯୋଗ ସୃଷ୍ଟିକରିବା ନିମନ୍ତେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଦିନରେ ବିଦ୍ୟାଳୟରେ ନୃତ୍ୟ, ଗୀତ, ଫାନସି ଡ୍ରେସ୍, ମ୍ୟୁଜିକ ଚେୟାର, ବାସ୍କେଟ ବଲ, ବେଙ୍ଗ ଡିଆଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନାତ୍ମକ ଲିଖନ, ଗଳ୍ପ କଥନ, କବିତା ଆବୃତ୍ତି, ଶ୍ରୁତଲିଖନ ଓ ପୁସ୍ତକ ପଠନ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରୟୋଗଶାଳା ବିଦ୍ୟାଳୟର ଉପଦେଷ୍ଟା ସ୍ନେହଲତା ରାଜଙ୍କ ନେତୃତ୍ୱରେ ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ପ୍ରଶିକ୍ଷିକା ହରପ୍ରିୟା ପୃଷ୍ଟି ଓ ସ୍ୱାଗତିକା ସରଣ ସମସ୍ତ ପ୍ରତିଯୋଗିତା ପରିଚାଳନା କରିଥିଲେ । ଏଥିସହିତ ଡିଆଇଇଟି ର ଛାତ୍ର ପରିଷଦର ସାଂସ୍କୃତିକ ସମ୍ପାଦକ ପ୍ରିୟଙ୍କା ସାମଲ, କ୍ରୀଡ଼ା ସମ୍ପାଦକ ଚିନ୍ମୟ ରଞ୍ଜନ ସାହୁଙ୍କ ସମେତ ଜର୍ଜ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ସହଯୋଗ କରୁଥିଲେ । ଛାତ୍ରଛାତ୍ରୀମାନେ ଉତ୍ସାହର ସହ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ ।




# କାମାକ୍ଷାନଗରରେ ମେରୁଯାତ୍ରା ପାଳିତ

**କାମାକ୍ଷାନଗର, ୧୩।୪(ସମିସ) :** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ଅଞ୍ଚଳରେ ମେରୁଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି । ଚୈତ୍ର ମାସ ଆରମ୍ଭରୁ ୧୩ ଦିନ ଧରି ମାନସିକଧାରୀ ଭକ୍ତମାନେ ମା' କାମନାକାଳୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଗାଁ ବୁଲି ଦଣ୍ଡନୃତ୍ୟ ପରିବେଷଣ କରିଥାନ୍ତି । ଏହି ୧୩ ଦିନ ମଧ୍ୟରେ ଦଣ୍ଡ ଭୁକ୍ତାମାନେ ଅନେକ ନିୟମ ପାଳନ କରି ମା'ଙ୍କ ପୂଜାବିଧି ପାଳନ କରିଥାନ୍ତି । ଚୈତ୍ର ସଂକ୍ରାନ୍ତି ବା ପଣାସଂକ୍ରାନ୍ତି ପୂର୍ବଦିନ ଦଣ୍ଡନୃତ୍ୟରେ ମାନସିକ ରଖିଥିବା ଭକ୍ତମାନେ ଏକାଠି ହୋଇ ମେରୁଯାତ୍ରା ପାଳନ କରିଥାନ୍ତି । କାମାକ୍ଷାନଗର ଅଞ୍ଚଳର ଅନନ୍ତପୁର, ଆଳତୁମା, କାଦୁଆ, କମଗରା, ଜଗନ୍ନାଥପୁର ଇତ୍ୟାଦି ଗ୍ରାମରେ ମା'ଙ୍କ ମେରୁଯାତ୍ରା ପାଳନ ହୋଇଯାଇଛି । ଏହି ଅବସରରେ ଦଣ୍ଡଧାରୀଙ୍କ ବ୍ୟତୀତ ଶତାଧିକ ଭକ୍ତ ମେରୁ ସ୍ଥାନରେ ଉପସ୍ଥିତ ରହି ମାନସିକ ପୂରଣ ପାଇଁ ମା' ଙ୍କ ପାଖରେ ଅଧିଆ ପଡ଼ିଥାନ୍ତି । ମେରୁଯାତ୍ରା ପରେ ଦଣ୍ଡନୃତ୍ୟରେ ଭାଗନେଇଥିବା ମାନସିକଧାରୀ ବ୍ରତ ଭାଙ୍ଗି ଦଣ୍ଡଯାତ୍ରା ସମାପନ କରିଥାନ୍ତି । ଏହି ମେରୁଯାତ୍ରା ଦେଖିବା ପାଇଁ କାମାକ୍ଷାନଗର ଅଞ୍ଚଳର ବିଭିନ୍ନ ଗ୍ରାମରେ ଶତାଧିକ ଭକ୍ତଙ୍କ ଭିଡ଼ ଲାଗିଥାଏ ।



# ଗଁଦିଆରେ ମେରୁଯାତ୍ରା ଅନୁଷ୍ଠିତ



**ଗଁଦିଆ, ୧୩।୪(ସମିସ) :** ଗଁଦିଆ ବସ୍ ଷ୍ଟାଣ୍ଡ ନିକଟସ୍ଥ ପୂରଣ ପୋଖରୀ ଠାରେ ଥିବା କାମନା ମନ୍ଦିର ଠାରେ ମେରୁଯାତ୍ରା ଅନୁଷ୍ଠିତ ହୋଇଯୋଇଛି । ଏହି ଯାତ୍ରା ଦେଖିବା ପାଇଁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା । ଦଣ୍ଡୁଆମାନେ ମଧ୍ୟାହ୍ନରେ ଧୂଳି ଦଣ୍ଡ କରିବା ପରେ ପୁଷ୍କରିଣୀରେ ସ୍ନାନ କରିବାକୁ ଯାଇଥିଲେ । ଗାଧୁଆ ସାରି ନୂତନ ବସ୍ତ୍ର ପରିଧାନ କରି କାମନା ମନ୍ଦିର ଠାରେ ସମସ୍ତେ ଏକତ୍ରିତ ହୋଇଥିଲେ । କାଳେସୀ ଉଭା ହେବା ସହ ଦଣ୍ଡୁଆମାନଙ୍କୁ ନିଆଁରେ ଚାଲିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ପୂର୍ବରୁ ଖୋଳା ହୋଇଥିବା ଗାତରେ କାଠ ଭର୍ତ୍ତୀ କରାଯାଇ ସେଥିରେ ଅଗ୍ନି ସଂଯୋଗ କରାଯାଇଥିଲା । ଅଙ୍ଗାର ରଡ ନିଆଁରେ ପରିଣତ ହେବା ପରେ ଏହା ଉପରେ ଦଣ୍ଡୁଆ ଓ ମାନସିକ ରଖିଥିବା ଭକ୍ତମାନେ ଚାଲିଥିଲେ । ଏହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

# 'ବିଭାବନା'ର ବିଷୁବ ସଂଖ୍ୟା ଉନ୍ମୋଚିତ

**ଢେଙ୍କାନାଳ, ୧୩।୪ (ସମିସ ) :** ସୃଜନଶୀଳ ସାହିତ୍ୟ ପତ୍ରିକା ବିଭାବନାର ବିଷୁବ ସଂଖ୍ୟା ଉନ୍ମୋଚିତ ହୋଇଯାଇଛି । ରେଣୁବାଳ ସ୍ମୃତି ସଂସଦ ଓ ବିଭାବନା ତରଫରୁ ସ୍ଥାନୀୟ ଲେଖକ ଭବନ ଠାରେ କବି ବାହାଦୂର ପାଟ୍ଟସାହାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରେଣୁବାଳା ସ୍ମୃତି ସଂସଦର ସଭାନେତ୍ରୀ ତଥା ବିଭାବନାର ମୁଖ୍ୟ ସମ୍ପାଦିକା ସଂଯୁକ୍ତା ମିଶ୍ର, ମୁଖ୍ୟ ଅତିଥି ଭାବେ ସ୍ତମ୍ଭକାର ଡଃ ପ୍ରଫୁଲ୍ଲ କୁମାର ପାଣି, ସମ୍ମାନୀୟ ଅତିଥି ଭାବେ ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ, ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ଡଃ ପ୍ରମୋଦ କୁମାର ନାୟକ ପ୍ରମୁଖ ଯୋଗଦେଇ 'ବିଭାବନା' ସାହିତ୍ୟ ପତ୍ରିକାର ବିଷୁବ ସଂଖ୍ୟାକୁ ଉନ୍ମୋଚନ କରିଥିଲେ । ଏହି ସଭାରେ ମମତା ମିଶ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ବିଭାବନାର ସମ୍ପାଦକ ମାନସ କୁମାର ନନ୍ଦ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏଥିରେ ଅତିଥି ପରିଚୟ ସୁରେନ୍ଦ୍ର କୁମାର ପୃଷ୍ଟି ପ୍ରଦାନ କରିଥିବା ବେଳେ ସମ୍ବର୍ଦ୍ଧନା ପର୍ବରେ ବିଭାବନା ସାରସ୍ୱତ ସମାଜ ଅଖିଳ କୁମାର ପୃଷ୍ଟି, ବିଭାବନା କବିତା ସମ୍ମାନ ହେମନ୍ତ କୁମାର ମହାରଣା, ରେଣୁବାଳା ସ୍ମୃତି ସମ୍ମାନ ସସ୍ମିତା ଦାସଙ୍କୁ ପ୍ରଦାନ କରାଯାଇଥିଲା । ଏହି ସଭାରେ ପ୍ରାଥମିକ ଅଧିବେଶନରେ କବି ବସନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସିପୁନ୍ ଜେନା, ନିବେଦିତା ରଥ, ରଶ୍ମିତା ରାଉତଙ୍କ ସଂଯୋଜନାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ରବୀନ୍ଦ୍ରନାଥ ସାହୁ, ହେମନ୍ତ କୁମାର ନାୟକ, ସୁକାନ୍ତି ସାହୁ, ମିନତୀ ମିଶ୍ର, ବୈଜୟନ୍ତୀ ପଟ୍ଟନାୟକ, ବିପିନ ବିହାରୀ ଶତପଥି, ଶଙ୍କର୍ଷଣ ଶତପଥି, ଗୋଲକ ବିହାରୀ ବେହେରା, ସାଇ ନିମଳୀ ପୃଷ୍ଟି ଓ ରାଧାନାଥ ରଥଙ୍କ ସହ ୭୦ଜଣ କବି କବିତା ପାଠ କରିଥିବା ବେଳେ ବୈକୁଣ୍ଠ ନାଥ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ ।



# ଢେଙ୍କାନାଳ ଜିଲ୍ଲା କଂଗ୍ରେସ କମିଟି ଅନୁମୋଦିତ

**ଢେଙ୍କାନାଳ, ୧୩।୪ (ସମିସ):** ଜିଲ୍ଲା କଂଗ୍ରେସ କମିଟି ସଭାପତି ସୁନୀଲ ଦାଶଙ୍କ ଦ୍ୱାରା ଗଠିତ ଜିଲ୍ଲା କମିଟିରେ ବିଭିନ୍ନ ଦାୟିତ୍ୱରେ ରହିଥିବା ସଦସ୍ୟଙ୍କୁ ପିସିସି ସଭାପତି ଶରତ ପଟ୍ଟନାୟକ ଅନୁମୋଦନ କରିଛନ୍ତି । ଏହି କ୍ରମରେ ବରିଷ୍ଠ ଉପସଭାପତି ଭାବରେ ବେଣୁଧର ସାହୁ, ସୁବାସ ଚନ୍ଦ୍ର ପାଲ୍, ବିପ୍ରବର ସାହୁ, ଡମ୍ବରୁଧର ସେଠୀ ଏବଂ ଛବିରାଜ ବିଶ୍ୱାଳ, ଉପସଭାପତି ଭାବରେ ଶରତ ଚନ୍ଦ୍ର ନାୟକ, ଜିତେନ୍ଦ୍ର ସାହୁ, ବିଜୟାନନ୍ଦ ପଣ୍ଡା, ଚଇତାଳି ପଟ୍ଟନାୟକ ଏବଂ ସଂଗ୍ରାମ କେଶରୀ ପାଣି, କୋଷାଧ୍ୟକ୍ଷ ଭାବରେ ରୁଦ୍ର ପ୍ରକାଶ ଶରଣ, ସାଧାରଣ ସମ୍ପାଦକ ଭାବରେ ପ୍ରଭୁଦତ ଭଞ୍ଜ, ଆଶୁତୋଷ ସ୍ୱାଇଁ, ଦ୍ୱିତିକୃଷ୍ଣ ବରାଳ, ନିରାକାର ସାହୁ, ମହମ୍ମଦ ଆର୍ସାଦ, ଅଶୋକ କୁମାର ମଲ୍ଲିକ, ମହମ୍ମଦ ସମୀର, ଗୋବର୍ଦ୍ଧନ ଶେଖର ନାଏକ, ମନୋଜ ଅଗ୍ରୱାଲ, ନଗେନ ବିନାୟକ ଏବଂ ଟଙ୍କଧର ବେହେରା, ସମ୍ପାଦକ ଭାବରେ ଅଜିତାନନ୍ଦ ବିହାରୀ, କୃଷ୍ଣଚନ୍ଦ୍ର ଦ୍ୱିବେଦୀ, ଫକୀର ଚନ୍ଦ୍ର ବେହେରା, ମାନସ କୁମାର ତ୍ରିପାଠୀ, ପ୍ରତାପ କୁମାର ମହାନ୍ତି, ଦୟାସାଗର ଦାସ୍, ଗୁରୁଚରଣ ହାତୀ, ଅଜୟ କୁମାର ସାହୁ, କାମାକ୍ଷା ପ୍ରସାଦ ପଣ୍ଡା, ଚନ୍ଦ୍ରମଣି ନାଥ, ଉପମା ଖଟୁଆ, ଅଜିତ ମହାରଣା, ବିଷ୍ଣୁ ସାହୁ, ହୃଦୟାନନ୍ଦ ମହାନ୍ତି, ପ୍ରମୋଦ ମହାପାତ୍ର ଏବଂ ପ୍ରଭାସ ମିଶ୍ର ସ୍ଥାନ ପାଇଛନ୍ତି । ଜିଲ୍ଲା କଂଗ୍ରେସ କାର୍ଯ୍ୟକାରିଣୀରେ ବ୍ରିଗେଡିୟର୍ ରାଜା କାମାକ୍ଷା ପ୍ରସାଦ ସିଂହଦେଓ, ପ୍ରଫୁଲ୍ଲ କୁମାର ଭଞ୍ଜ, ମହେଶ୍ୱର ନାୟକ, ସମରେନ୍ଦ୍ର ନନ୍ଦ, ରବିନାରାୟଣ ମହାନ୍ତି, ସମସୀଦା ତାୟବ୍, ନିରୁପମା ଦାସ୍, ଉମାକାନ୍ତ ପଟ୍ଟନାୟକ, ଭବାନୀ ଶଙ୍କର ମହାପାତ୍ର, ଅମର ଜ୍ୟୋତି ସିଂହଦେଓ, ରାଜୀବ ଲୋଚନ ସିଂହଦେଓ ଏବଂ ପିସିସି ପ୍ରତିନିଧିତ୍ୱ କରୁଥିବା ଜିଲ୍ଲା କଂଗ୍ରେସ ନିମନ୍ତେ ପଦାଧିକାରୀ, ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟ ଭାବରେ ପ୍ରେମ ଶଙ୍କର ମିଶ୍ର, ନିର୍ମଳ ମିଶ୍ର, ଜିଲ୍ଲା କଂଗ୍ରେସର ସମସ୍ତ ଛାମୁଆଁ ବିଭାଗର ମୁଖ୍ୟ, ପିସିସିରେ ଜିଲ୍ଲାକୁ ପ୍ରତିନିଧିତ୍ୱ କରୁଥିବା ଛାମୁଆଁ ବିଭାଗର ପ୍ରତିନିଧିଗଣ ଅନ୍ତର୍ଭୁକ୍ତ ଅଛନ୍ତି ବୋଲି ଜିଲ୍ଲା କଂଗ୍ରେସର ଗଣମାଧ୍ୟମ ଏବଂ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଡାକ୍ତର ତୁଷାର କାନ୍ତି ନାୟକ ଗଣମାଧ୍ୟମକୁ ଜଣାଇଛନ୍ତି ।

# ରାସ୍ତା ନିର୍ମାଣ ନାମରେ ମାଟିଖୋଳି ହେଉଛି ଜଙ୍ଗଲ ନଷ୍ଟ

**ଢେଙ୍କାନାଳ,୧୩।୪(ସମିସ)**

ଢେଙ୍କାନାଳ ଜିଲ୍ଲାର କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ ମରୁଆବିଲି ଗ୍ରାମପଞ୍ଚାୟତରେ ଥିବା ହାତୀସିଙ୍ଗିଡ଼ାକୁ ରାସ୍ତା ନାମରେ ମାଟି ଖୋଳି ବ୍ୟାପକ ଜଙ୍ଗଲ ନଷ୍ଟ କରାଯାଉଥିବା ଜଣାପଡ଼ିଛି । ପ୍ରାକୃତିକ ଜଙ୍ଗଲ ସହିତ ଏଠାରେ ବ୍ୟାପକ ଗଛ କାଟି ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି । ମରୁଆ ବିଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖରଖରୀ ଗାଁ ଉପର ମୁଣ୍ଡରେ ଥିବା ହାତୀସିଙ୍ଗିଡ଼ା ପାହାଡ଼ ପାର୍ଶ୍ୱରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି । ଏକବର୍ଷ ହେବ ପ୍ରାୟ ଦେଢ଼ କିଲୋମିଟର ଲମ୍ବ

- **ରଗଦା ଡ୍ୟାମ୍ ପ୍ରତି ବିପଦ**
- **ବିଭାଗୀୟ ଅଧିକାରୀ ନିରବଦ୍ରଷ୍ଟା**

ରାସ୍ତାଟି ରଗଦା ଡ୍ୟାମ ନିକଟରେ ଥିବା ହାତୀସିଙ୍ଗିଡ଼ା ପାହାଡ଼ ତଳେ ରହୁଥିବା ହାତୀସିଙ୍ଗିଡ଼ା ସାହି ପର୍ଯ୍ୟନ୍ତ ନିର୍ମାଣ କରାଯାଉଛି । ତେବେ ଅତି ଆଶ୍ଚର୍ଯ୍ୟର ବିଷୟ ଯେ, ଏହା ରଗଦା ଡ୍ୟାମକୁ ସଂଯୋଗ କରୁଥିବା ହାତୀସିଙ୍ଗିଡ଼ା ପାହାଡ଼ ପାର୍ଶ୍ୱରେ ଥିବା ପ୍ରାକୃତିକ ବନ ବୃକ୍ଷ ଆଉ ପାହାଡ଼ ପାଖରେ ମାଟି ଖୋଳାଯାଇ ରାସ୍ତା ନିର୍ମାଣ କରାଯାଉଛି । ଯେହେତୁ ପାହାଡ଼କୁ ଲାଗି ରହିଥିବା ମାଟିକୁ ମେସିନ ମାଧ୍ୟମରେ କଟାହୋଇ ରାସ୍ତା ଉପରେ ପକାଯାଉଛି, ତାହା ଡ୍ୟାମର ସ୍ଥାୟିତ୍ୱ ପ୍ରତି ବିପଦ ସୃଷ୍ଟି କରୁଛି । କାରଣ ବର୍ଷା ହେଲେ ପାହାଡ଼ ଉପରୁ ବର୍ଷାପାଣି ମାଡ଼ିଆସି ମାଟିକୁ ଧୋଇ ଆଣି ଡ୍ୟାମ ଭିତରକୁ ପ୍ରବେଶ କରାଇବ ଏବଂ ଡ୍ୟାମ ଗଭୀରତମ ଅଞ୍ଚଳକୁ ପୋତିଦେବା ଫଳରେ ଏହାର ଜଳଧାରଣ କ୍ଷମତା ହ୍ରାସ ପାଇଯିବ । ଦ୍ୱିତୀୟରେ ଯେଉଁ ରାସ୍ତାଟି ନିର୍ମାଣ ହେଉଛି, ତାହା ପାହାଡ଼କୁ ଲାଗି ରହିଥିବାରୁ ବଡ଼ ବଡ଼ ଗଛଗୁଡିକୁ କଟାହୋଇ ମାଟି ପଡୁଛି । ପ୍ରକାଶଥାଉ କି, ଏହା କାମାକ୍ଷାନଗର ରେଞ୍ଜ ଇଷ୍ଟ ଜୋନ ଅନ୍ତର୍ଗତ ବିରାଶାଳ ଫରେଷ୍ଟ ସେକ୍ସନ ୨ ବିଭାଗୀୟ ଅଞ୍ଚଳରେ ଅନ୍ତର୍ଭୁକ୍ତ ଅଛି । ତେବେ ଏହି ରାସ୍ତା ନିର୍ମାଣ ନିମନ୍ତେ ଉକ୍ତ ବିଭାଗୀୟ ନିର୍ଦ୍ଦେର୍ଦ୍ଦେଶନାମା ବା ଅନୁମତି କିପରି ଦିଆଗଲା, ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ବର୍ଷକ ପୂର୍ବରୁ ତିଆରି ଚାଲିଥିଲେ ସୁଦ୍ଧା ଏହା କେଉଁ ଯୋଜନା, ରାସ୍ତା ନିର୍ମାଣର ଅଟକଳ ମୂଲ୍ୟ କେତେ ଏବଂ ଠିକାଦାର କିଏ ଏବଂ କାର୍ଯ୍ୟ ଆରମ୍ଭ ଠାରୁ ଶେଷ ହେବାର ସମୟ ସୀମା କୌଣସି ଉଲ୍ଲେଖ କରାଯାଇନାହିଁ । ତେବେ ଏହି କାର୍ଯ୍ୟ ସ୍ଥାନୀୟ ସରପଞ୍ଚ ଏବଂ ସ୍ଥାନୀୟ ଠିକାଦାରଙ୍କ ଜ୍ଞାତସାରରେ କିପରି ଚାଲୁଛି, ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।



ଗଞ୍ଜା-ସାତଘରିଆ ବଗିବନ୍ଧ ରାସ୍ତା ଶୋଚନୀୟ

# ଟେଣ୍ଡର ପରେବି କାମ ଆରମ୍ଭ ହେଉନି

**କେନ୍ଦ୍ରାପଡା,୧୩।୪(ସମିସ)**




କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକ ଅଧିନ ଗଞ୍ଜା-ସାତଘରିଆ ବଗିବନ୍ଧ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଥିବା ବେଳେ ସେହି ରାସ୍ତାରେ ଯାତାୟତ କରିବାରେ ଅଞ୍ଚଳବାସୀ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ଲକ ସଦର ମହକୁମା ରାଜକନିକାକୁ ଯିବା ପାଇଁ ଲୋକମାନେ ଏହି ରାସ୍ତାକୁ ଦୈନିକ ବ୍ୟବହାର କରିଥାନ୍ତି। କିନ୍ତୁ ରାସ୍ତା ସାରା ଗାଡ ହୋଇଯାଇଥିବା ବେଳେ ସାମାନ୍ୟ ବର୍ଷାରେ ସେହି ରାସ୍ତାରେ ଯିବା କଷ୍ଟକର ହୋଇ ପଡୁଛି। ଏସମ୍ପର୍କରେ ବିଭିନ୍ନ ସମୟରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ପ୍ରାୟ ତିନିମାସ ତଳେ ଟେଣ୍ଡର ପ୍ରକ୍ରୀୟା ଶେଷ ହୋଇଥିଲେ ବି ସଂପୃକ୍ତ ଠିକାଦାର ସେହି ରାସ୍ତାର ଅଳ୍ପ କିଛି ଅଂଶରେ ଡଷ୍ଟ ବିଛାଇ ଦେଇଥିଲେ। କିନ୍ତୁ ବର୍ଷାରେ ସେହି ଡଷ୍ଟ ଧୋଇ ହୋଇ ଯିବାରୁ ପୁନର୍ବାର ଖାଲଖମାରେ ରାସ୍ତାଟି ଭର୍ତ୍ତି ହୋଇ ପଡିବାରୁ ଯାତାୟତରେ ଗୁରୁତର ସମସ୍ୟା ସୃଷ୍ଟି ହେଉଥିବା ଅଞ୍ଚଳବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଛି।

ଅସହ୍ୟ ହେଲା ଶାଶୂ, ନଣନ୍ଦଙ୍କ ନିର୍ଯାତନା

# ଦେହରେ କିରାସିନି ଢାଳି ନିଆଁ ଲଗାଇ ଦେଲେ

**ପାରାଦୀପ,୧୩।୪(ସମିସ)**

ଶାଶୁ ଓ ନଣନ୍ଦର ନିର୍ଯାତନା ସହି ନ ପାରି ଜଣେ ବିବାହିତା ମହିଳା ଆତ୍ମହତ୍ୟା କରିବା ଭଳି ଚରମ ନିଷ୍ପତ୍ତି ନେଇଥିଲେ। ଶେଷରେ ନିଜ ଦେହରେ କିରୋସିନ ଢାଳି ହୋଇ ନିଆଁ ଲଗାଇ ଦେଇ ନିକଟରେ ରହୁଥିବା ଜଣେ ସ୍ୱେଚ୍ଛାସେବୀ ମହିଳାଙ୍କ ଆଶ୍ରୟ ନେଇଥିଲେ। ସ୍ୱେଚ୍ଛାସେବୀ ମହିଳା ଉକ୍ତ ବିବାହିତ ମହିଳାଙ୍କୁ ସ୍ଥାନୀୟ ଅଠରବାଙ୍କୀ ମେଡିକାଲ ନେଇ ଚିକିତ୍ସା କରାଇଛନ୍ତି। ପାରାଦ୍ୱୀପ ପୌର ପରିଷଦର ୧୫ ନମ୍ବର ୱାର୍ଡରେ ରହୁଥିବା ମାମିନାବାରିକ ନାମକ ଜଣେ ବିବାହିତା ମହିଳା ଶାଶୁ ଓ ନଣନ୍ଦ ଅତ୍ୟାଚାରରେ ଅତିଷ୍ଠ ହୋଇ ଆଜି ଅପରାହ୍ନରେ ନିଜ ଦେହରେ କିରୋସିନ ଢାଳିହୋଇ ନିଆଁ ଲଗାଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ତାଙ୍କ ଶରୀରରେ ନିଆଁ ଲାଗି ଯାଇଥିବା ବେଳେ ଚିତ୍କାର ଶୁଣି ନିକଟରେ ରହୁଥିବା କଳିଙ୍ଗ ମହିଳା ଶକ୍ତିର ସଭାପତି ମନୋରମା ଖଟୁଆ ପହଞ୍ଚି ଥିଲେ। ମନୋରମା ଖଟୁଆ ତାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରିବା ସହ ନୂତନ ବସ୍ତ୍ର ପିନ୍ଧାଇଥିଲେ। ସେତେବେଳକୁ ଶରୀରର ବିଭିନ୍ନ ଜାଗା ପୋଡି ହୋଇଯାଇଥିଲା। ଆଦର୍ଶ ଥାନା ପୁଲିସ ମେଡିକାଲ ଓ ଘରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

ସୂଚନା ଥାଉକି ଶାଶୁ, ବୋହୁ ଓ ନଣନ୍ଦ ମଧ୍ୟରେ ଆଗରୁ କଳି ଲାଗି ରହିଥିଲା। ନଣନ୍ଦ ଆସି ବାପ ଘରେ ସବୁ କାର୍ଯ୍ୟରେ ମୁଣ୍ଡ ପୁରେଇବାରୁ ମହିଳା ଜଣଙ୍କ ରାଗି ଯାଇଥିଲେ। ପୂର୍ବରୁ ଏଭଳି ସମସ୍ୟା ଦେଖାଦେଇଥିଲେ ମଧ୍ୟ ମନୋରମା ଖଟୁଆଙ୍କ ମାଧ୍ୟମରେ ସମାଧାନ ହୋଇଥିଲା। ତେବେ ଆଜି ପୁଣି ତାଙ୍କ ନଣନ୍ଦ ବାପ ଘରୁ ଆସିବାରୁ ଉଭୟ ପରିବାର ମଧ୍ୟରେ କଥା କଟାକଟି ହୋଇଥିଲା। ମହିଳା ଜଣଙ୍କ ରାଗି ଯାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ।

## ୧୬ରୁ ବାରବାଟୀ ବିଶ୍ୱଶାନ୍ତି ମହାଯଜ୍ଞ ଓ ଧର୍ମ ମହାସଭା

**କୁନ୍ଦଳ, ୧୩।୪(ସମିସ)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲାଇ ପଞ୍ଚାୟତସ୍ଥ ବାରବାଟୀ ପଡ଼ିଆରେ ଐତିହାସିକ ବିଶ୍ୱଶାନ୍ତି ମହାଯଜ୍ଞ ଓ ଧର୍ମ ମହାସଭା ଅନୁଷ୍ଠିତ ହେବାକୁ ଯାଉଛି। ଆସନ୍ତା ୧୬ ତାରିଖ ମଙ୍ଗଳବାର ପବିତ୍ର ଅଶୋକାଷ୍ଟମୀ ଅବସରରେ ଏହି ମହାଯଜ୍ଞର ଶୁଭାଧିବାସ ହୋଇ ଏକ ସପ୍ତାହ ବ୍ୟାପି ଚୈତ୍ରପୂର୍ଣ୍ଣିମା ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହୋଇ ମହାଯଜ୍ଞର ପୂର୍ଣ୍ଣାହୁତି ହେବ। ପ୍ରତ୍ୟହ ଏହି ଯଜ୍ଞ ଉତ୍ସବରେ ବିଭିନ୍ନ ସାଧୁସନ୍ଥଙ୍କ ଦ୍ୱାରା ସାଧୁବଚନ, ପ୍ରବଚନ, ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭଜନ ସମାରୋହ, ଓଡ଼ିଶୀ ନୃତ୍ୟ ପରିବେଶଣ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶ୍ରଦ୍ଧାଳୁ ବହୁ ସଂଖ୍ୟାରେ ଯୋଗଦେଇ ବିଭୁକୃପା ଲାଭ କରିବା ପାଇଁ ବାରବାଟୀ ବିଶ୍ୱଶାନ୍ତି ମହାଯଜ୍ଞ ଓ ଧର୍ମ ମହାସଭାର ସମସ୍ତ କର୍ମକର୍ତ୍ତା ଓ ସଭ୍ୟବୃନ୍ଦ ନିବେଦନ କରିଛନ୍ତି।

● ବାପ-ପୁଅ କଳିର କରୁଣ ପରିଣତି

## ବେକ କାଟି ଆତ୍ମହତ୍ୟା ଉଦ୍ୟମ କଲା ପୁଅ

**ପାରାଦୀପ,୧୩।୪(ସମିସ):** ବାପ-ପୁଅ ମଧ୍ୟରେ କଳହରୁ ଜଣେ ବିବାହିତା ଯୁବକ ନିଜ ବେକକୁ ବ୍ଲେଡ଼ରେ କାଟି ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡିଛି। ଏଭଳି ଅଭାବନୀୟ ଘଟଣା ଘଟିଛି ପାରାଦୀପ ପୌରାଞ୍ଚଳ ଅଧିନ ୧୬ ନମ୍ବର ୱାର୍ଡର ମଣି ମନ୍ଦିର ନିକଟରେ। ଘଟଣାରୁ ଜଣାଯାଏ, ଆଜି ଅପରାହ୍ନ ସମୟରେ ୧୬ ୱାର୍ଡ ମଣି ମନ୍ଦିର ନିକଟରେ ରହୁଥିବା ନେଉଳ ପାଲ ଓ ତାଙ୍କ ପୁଅ ଗଗନ ପାଲଙ୍କ ମଧ୍ୟରେ କୌଣସି କାରଣକୁ ନେଇ ପାରିବାରିକ କଳହରୁ ବଚସା ହୋଇଥିଲା। ପୁଅ ରାଗିଯାଇ ଆତ୍ମହତ୍ୟା କରିବାକୁ ଦୁଇଟି ବ୍ଲେଡ଼ରେ ନିଜ ବେକକୁ କାଟି ପକାଇଥିଲା। ବାପା ନେଉଳ ପାଲ ଅଟୋ ଚଳାଇ ପରିବାର ପୋଷୁଥିବାବେଳେ ପୁଅ, ବୋହୂ ଓ ତାଙ୍କ ପିଲାକୁ ନେଇ ସମସ୍ତେ ଏହି ନୂଆ ବଜାର ଅଞ୍ଚଳରେ ରହିଆସୁଥିଲେ। ଖବର ପାଇ କଳିଙ୍ଗ ମହିଳା ଶକ୍ତିର ସଭାପତି ମନୋରମା ଖଟୁଆ ଓ ତାଙ୍କ ମହିଳା ଟିମ ପହଞ୍ଚି ଯୁବକଙ୍କୁ ଉଦ୍ଧାର କରିବା ସହିତ ଅଠରବାଙ୍କୀ ମେଡିକାଲ ନେଇ ଯୁବକଙ୍କୁ ଚିକିତ୍ସିତ କରାଇଥିଲେ।ତାଙ୍କର ବେକରେ ୧୩ଟି ଷ୍ଟିଚ ପଡିଛି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଥିବା ଜଣାପଡିଛି।ଘଟଣା ସ୍ଥଳରେ ପାରାଦୀପ ଆଦର୍ଶ ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

## କିଶୋର ସ୍ୱାଇଁ ଖଡିଅଣ୍ଟା ପଞ୍ଚାୟତ ବିଜେଡି ପର୍ଯ୍ୟବେକ୍ଷକ



**ପଟ୍ଟାମୁଣ୍ଡାଇ,୧୩।୪(ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ବିଶିଷ୍ଟ ଯୁବସମାଜସେବୀ କିଶୋର କୁମାର ସ୍ୱାଇଁଙ୍କୁ ପଟ୍ଟାମୁଣ୍ଡାଇ ବ୍ଲକର ଖଡ଼ିଅଣ୍ଟା ପଞ୍ଚାୟତରେ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମ ସହ ନବୀନ ସରକାରର ଜନକଲ୍ୟାଣ ଯୋଜନା ଓ ଆଞ୍ଚଳିକ ବିକାଶ କାର୍ଯ୍ୟକ୍ରମର ପ୍ରଚାର ପ୍ରସାର କାର୍ଯ୍ୟକ୍ରମ ତଦାରଖ ପାଇଁ ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର କୁମାର ସାହୁ ନିଯୁକ୍ତି ଦେଇଛନ୍ତି। ଏଥିପାଇଁ ଯୁବସମାଜସେବୀ କିଶୋର କୁମାର ସାହୁ, ରାଜନଗର ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ତଥା ବିଜେଡି ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଉଭୟ ରାଜନଗର ବିଧାନସଭା ଓ କେନ୍ଦ୍ରାପଡ଼ା ଲୋକସଭା ଆସନରେ ବିଜେଡି ପ୍ରାର୍ଥୀ ଧ୍ରୁବ ସାହୁ ଓ ଅଂଶୁମାନ ମହାନ୍ତିଙ୍କ ବିଜୟ ପାଇଁ ନିଷ୍ଠାର ସହିତ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି।

## ଅଶୋକ ଦାସ ଫାଉଣ୍ଡେସନ ପକ୍ଷରୁ ଜଳଛତ୍ର ଉଦ୍‌ଘାଟିତ



**ଦଶରଥପୁର, ୧୩।୪(ସମିସ):** ପବିତ୍ର ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଉପଲକ୍ଷେ ଅଶୋକ ଦାସ ଫାଉଣ୍ଡେସନ ପକ୍ଷରୁ ଦଶରଥପୁର ବ୍ଲକ କାର୍ଯ୍ୟାଳୟ ନିକଟରେ ଜଳଛତ୍ର ତଥା ଶୁଦ୍ଧ ପାନୀୟଜଳ ବିତରଣ କେନ୍ଦ୍ରକୁ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟକେଶରୀ ଦାସ ମୁଖ୍ୟଅତିଥି ଭାବେ ଉଦ୍‌ଘାଟନ କରିଥିଲେ। ଏହି ଜଳ ବିତରଣ କେନ୍ଦ୍ର ଚଳିତ ଓଡ଼ିଆ ନବବର୍ଷଠାରୁ ଆରମ୍ଭ ହୋଇ ଆସନ୍ତା ରଜ ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ୪ନଂ. ଜିଲ୍ଲା ପରିଷଦ ସଭ୍ୟ ପାର୍ଥସାରଥୀ ମହାପାତ୍ର, ଜିଲ୍ଲା ବିଜେଡି ଉପ-ସଭାପତି ମନୀଷ ସାହୁ, ଯୁବନେତା ତୁଷାରକାନ୍ତ ବେହେରା, ଦଶରଥପୁର ବ୍ଲକ ବିଜୁ ଜନତା ଦଳ ସଭାପତି ସଞ୍ଜୀଦ କୁମାର ମହାନ୍ତି, ଯାଜପୁର ନିର୍ବାଚନ ମଣ୍ଡଳୀ ଦଶରଥପୁର ଶାଖା ଛାତ୍ର ବିଜେଡି ସଭାପତି ପ୍ରିୟବ୍ରତ ଦାସ, ଦଶରଥପୁର ସରପଞ୍ଚଙ୍କ ପ୍ରତିନିଧି ଧର୍ମରାଜ ଧୀର, ଦଶରଥପୁର ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ, ଧୀରେନ୍ଦ୍ର ମହାପାତ୍ରଙ୍କ ସମେତ ବ୍ଲକର ଶତାଧିକ ଯୁବ ଓ ଛାତ୍ର ନେତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଦେବୋତ୍ତର କମିଶନଙ୍କ ବଳଦେବଜୀଉଙ୍କ ମନ୍ଦିର ପରିଦର୍ଶନ



**କେନ୍ଦ୍ରାପଡ଼ା,୧୩।୪(ସମିସ)**

ଦେବୋତ୍ତର କମିଶନର ଲଲାଟେନ୍ଦୁ ଜେନା ଦିନିକିଆ କେନ୍ଦ୍ରାପଡା ଗସ୍ତରେ ଆସି ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀଉଙ୍କ ମନ୍ଦିର ପରିଦର୍ଶନ କରିବା ସହ ଶ୍ରୀଜୀଉଙ୍କୁ ଦର୍ଶନ କରିଛନ୍ତି। କମିଶନର ଶ୍ରୀ ଜେନା ମନ୍ଦିର ବେଢା ପରିକ୍ରମା କରିବା ସହ ଦେବୋତ୍ତର କାର୍ଯ୍ୟାଳୟରେ ପହଞ୍ଚି ଶ୍ରୀଜୀଉଙ୍କ ମନ୍ଦିରର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହିତ ସେବାୟତଙ୍କ ପାଇଁ ଉଦ୍ଦିଷ୍ଟ ବୀମା ଯୋଜନା ସହ ଅନ୍ୟାନ୍ୟ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ଦେବୋତ୍ତର ଟ୍ରଷ୍ଟବୋର୍ଡର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ସଦସ୍ୟ ରଞ୍ଜନ କୁମାର ପୃଷ୍ଟି ଓ ବଳରାମ ସୁଆରଙ୍କ ସମେତ ମନ୍ଦିରର ସେବାୟତମାନେ ଉପସ୍ଥିତ ଥିଲେ।

## ନୂତନ ମନ୍ଦିର ପ୍ରତିଷ୍ଠା



**ରାଜକନିକା,୧୩।୪(ସମିସ):** ରାଜକନିକା ବ୍ଲକ ବାଘବୁଦା ପଞ୍ଚାୟତ ସେବାସାହି ଗ୍ରାମରେ ହନୁମାନଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଓ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଏକ ଦିବସୀୟ ପୂଜା ଉତ୍ସବରେ ପ୍ରଥମେ ସୂର୍ଯ୍ୟ ପୂଜା, ଗୋ ପୂଜା,ମଣ୍ଡଳ ପୂଜା , ସୁନ୍ଦରା କାଣ୍ଡ ପରେ ହନୁମାନ ଚାଳିଶା ପାଠ କରାଯାଇଥିଲା। ଏହି ଉତ୍ସବରେ ଗ୍ରାମ ଯୁବକ ସଂଘ ଓ ଗ୍ରାମର ସମସ୍ତ ସଭ୍ୟ ଓ ମହିଳାମାନେ ଉପସ୍ଥିତ ଥିଲେ।

## ପଣା ସଂକ୍ରାନ୍ତିରେ ଖାନନଗର ପଞ୍ଚାୟତ ବିଜେଡି ପକ୍ଷରୁ ପଣା ବଣ୍ଟନ

**ମଙ୍ଗଳପୁର, ୧୩।୪(ସମିସ)**



ମହାବିଷୁବ ସଂକ୍ରାନ୍ତି ଉପଲକ୍ଷେ ଦଶରଥପୁର ବ୍ଲକ ଖାନନଗର ପଞ୍ଚାୟତସ୍ଥ ଲାଲବାଗ ଛକରେ ଖାନନଗର ପଞ୍ଚାୟତ ବିଜୁ ଜନତା ଦଳ ପକ୍ଷରୁ ବାଟୋଇଙ୍କୁ ପଣା ବଣ୍ଟନ କରାଯାଇଥିଲା। ପ୍ରଚଣ୍ଡ ରୌଦ୍ରତାପକୁ ନଜରରେ ରଖି ଖାନନଗର ପଞ୍ଚାୟତ ପକ୍ଷରୁ ସମସ୍ତ ବାଟୋଇଙ୍କ ପାଇଁ ବେଲ ପଣା ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବାଚସ୍ପତିଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି ଉଦ୍‌ଘାଟନ କରିଥିବାବେଳେ କମାରଡିହି ପ୍ରାଥମିକ କୃଷି ସେବା ସମବାୟ ସମିତି ସଭାପତି ଭାଗୀରଥି ସାହୁ, ଖାନନଗର ସରପଞ୍ଚ ଶୁଭଶ୍ରୀ ମଲ୍ଲିକ, ସମିତିସଭ୍ୟା ଜୋତ୍ସ୍ନାରାଣୀ ଦାସ, କମାରଡିହ ସରପଞ୍ଚ ଚିତ୍ତରଞ୍ଜନ ନାୟକ, ଖାନନଗର ପଞ୍ଚାୟତର ପୂର୍ବତନ ସରପଞ୍ଚ ରଞ୍ଜିତ କୁମାର ସାହୁ ପ୍ରମୁଖଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଛାତ୍ର ବିଜେଡି କର୍ମକର୍ତ୍ତା ସହ ଯୋଗ କରିଥିଲେ।

## ବେଣିପୁର ବିଜେଡିର ସାଂଗଠନିକ ବୈଠକ



**ପଞ୍ଚୁପାଣ୍ଡବ,୧୩।୪(ସମିସ):** ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତ ବିଜେଡିର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ତ୍ରିଲୋଚନ ସାହୁଙ୍କ ସଭାପତିତ୍ୱରେ ମଙ୍ଗଳପୁର ପଞ୍ଚାୟତ ଘଂଟପଦା ଗ୍ରାମର ସନାତନ ମନ୍ଦିରଠାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପାଟକୁରା ନିର୍ବାଚନ ମଣ୍ଡଳରେ ଦେଇଥିବା ଦଳୀୟ ପ୍ରାର୍ଥୀ ଅରବିନ୍ଦ ମହାପାତ୍ରଙ୍କୁ ଜିତାଇବାକୁ ସମସ୍ତେ ଏକଜୁଟ କାମ କରିବା ପାଇଁ ଶପଥ ନେଇଥିଲେ। ବେଣିପୁର ପଞ୍ଚାୟତର ବେଣିପୁର, ସଦାନନ୍ଦପୁର, ବଜାର ଓ ରାଇତୁଣ୍ଡି ଗ୍ରାମର ୧୩ଟି ୱାଡର୍‌ର ସମସ୍ତ କର୍ମୀଙ୍କୁ ନେଇ ଏହି ବୈଠକରେ ପୂର୍ବତନ ସରପଞ୍ଚ ପ୍ରକାଶ ଚନ୍ଦ୍ର ସାହୁ, ପୂର୍ବନ ସମିତିସଭ୍ୟ ରଞ୍ଜନ କୁମାର ମଳିକ, ଶିଶିର ମଳିକ, ପ୍ରଶାନ୍ତ ସାମଲ, ବାବାଜୀ ନାୟକ, ରମେଶ ଚନ୍ଦ୍ର ଗାହାଣ, ମିଟୁ ନାଥଶର୍ମା, ଅର୍ଜୁନ ମଳିକ, ବୃନ୍ଦାବନ ମଣ୍ଡଳ, ଅନାଦି ଚରଣ ବେହୁରା, ପୀତାମ୍ବର ପାଣ୍ଡବ, ପ୍ରଭାତ କୁମାର ସାହୁ, କିଶୋର କୁମାର ପରିଡ଼ା, ଅନୁପ ଦାସ, ଦିଲ୍ଲୀପ ସାହୁ ଓ ଅଜୟ କୁମାର ପଣ୍ଡା ଯୋଗ ଦେଇଥିଲେ।

# ଝିଅଙ୍କୁ ନ ଜଣାଇ ମା' ଶବ ସତ୍କାର କରିଦେଲେ ସମ୍ପର୍କୀୟ

**ରାଜକନିକା,୧୩।୪(ସମିସ)**

ନିଜ ଜନ୍ମିତ ଦୁଇ ଝିଅଙ୍କୁ ନ ଜଣାଇ ମା'ର ଦେହ ଖରାପ ଥିବା କହି ମେଡିକାଲ ନେବା ଓ ପରେ ମା'ର ମୃତ୍ୟୁ ହୋଇଯିବା ପରେ ଶବ ଗାଁକୁ ନ ଆଣି ସମ୍ପର୍କୀୟମାନେ ପୁରୀ ସ୍ୱର୍ଗଦ୍ୱାରରେ ଶବ ସଂସ୍କାର କରିବା ଭଳି ଅଭିଯୋଗ ହୋଇଛି। ସମ୍ପର୍କୀୟମାନଙ୍କ ଠାରୁ ମା' ଙ୍କ ମୃତ୍ୟୁର କୌଣସି ସନ୍ତୋଷଜନକ ଉତ୍ତର ନ ପାଇ ଝିଅମାନେ ରାଜକନିକା ଥାନାକୁ ଯାଇଥିଲେ ବି ସେଠାରୁ ନିରାଶରେ ଫେରିବା ସେମାନଙ୍କ ସାମାଜିକ ପ୍ରତିଷ୍ଠାକୁ ଆଞ୍ଚ ଆଣିଛି। ଅଭିଯୋଗ ମୁତାବକ କୋଇଲିପୁର ପଞ୍ଚାୟତର ସଂଗ୍ରାମପୁର (ଇଟାପୋଖରୀ) ଗାଁର ମୃତକ ପଦ୍ମାବତୀ ବେହେରା (୮୫) ସ୍ୱାମୀ -ରାଧାଶ୍ୟାମ ବେହେରାଙ୍କର ଗତକାଲି ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ଼ ମେଡ଼ିକାଲରେ ମୃତ୍ୟୁ ହୋଇଥିଲା। ମୃତ ମହିଳାଙ୍କ ଦୁଇ ଝିଅଙ୍କୁ ପରୋକ୍ଷରେ ଖବର ପଠାଇ ଶବକୁ ପୁରୀ ନେଇ ଦାହ କରାଯାଇଥିବା ଝିଅ ଅଭିଯୋଗ କରିଛନ୍ତି। ତେବେ ଆମେ ନିଜ ଜନ୍ମିତ ଝିଅ ଥାଉ ଥାଉ ଆମଠାରୁ କୌଶଳ କରି ଆମ ବୁଢ଼ୀ ମା'ଙ୍କୁ ଆମ ଠାରୁ ନେଇ ଘରେ ରଖିଥିବା ବିମାତା ପୁଅ ଭାଇ ଉପେନ୍ଦ୍ର ବେହେରା ଓ ତାଙ୍କ ପରିବାର ବୁଢ଼ୀର ଦେହ ଖରାପ ପରେ କଟକ ନେବା, ସେଠାରେ ମୃତ୍ୟୁପରେ ଆମକୁ ଉଡ଼ା ଖବର ଦେଇ ପୁରୀ ନେବାକୁ ଆମେ ବିରୋଧ କରି ଗତକାଲି ଥାନାକୁ ଅଭିଯୋଗ ପାଇଁ ଯାଇଥିଲୁ। ସେଠାରେ ପୁଲିସ ଆମ କଥା ନ ଶୁଣିବାରୁ ଆମେ ଇଟାପୋଖରୀ ଗାଁକୁ ଯାଇ ଗାଁ ଲୋକଙ୍କୁ ମା'ର ଶବ ଗାଁକୁ ଆଣିବାକୁ କହିବା ସତ୍ତ୍ୱେବି ସେମାନେ ଆମ କଥା ନ ଶୁଣିବା ଆମକୁ ନ୍ୟାୟରୁ ବଞ୍ଚିତ କରିଥିବା ଅଭିଯୋଗ କରିଛନ୍ତି ଜୋରଳ ଗାଁରେ ବିବାହ କରିଥିବା ବଡ଼ ଝିଅ ମନୋରମା ମଳିକ ଓ ପାଣ୍ଡରକୋଳି ଗାଁରେ ବିବାହ କରିଥିବା ସାନଝିଅ ବନ୍ଦନା ନାୟକ। ଦୁଇ ଝିଅଙ୍କ ଅଭିଯୋଗ ଅନୁସାରେ ବାପା ମରିବା ପରେ ବଡ଼ ଝିଅ ପାଖରେ ମା' ପଦ୍ମାବତୀ ଦୀର୍ଘ ୨୮ ବର୍ଷ ରହିବା ସହ ସାନଝିଅ ପାଖରେ ଦେଢ଼ ବର୍ଷ ରହିବା ପରେ ତାଙ୍କ ବିମାତା ପୁଅ ମା'କୁ ଭଲରେ ରଖିବାର କଥା ଦେଇ ମା' ଠାରୁ ସମ୍ପତ୍ତି ହଡ଼ପ କରିବା ଓ ମୃତ୍ୟୁ ପରେ ଝିଅଙ୍କୁ ମା' ର ଶବକୁ ଦେଖିବା କି ଛୁଇଁବାର ସୁଯୋଗ ପାଇ ନ ଥିବା ଅଭିଯୋଗ କରିଛନ୍ତି।

